15, June -19…

# ଉତ୍କଳ ପ୍ରସଙ୍ଗ

RESEARCH & REFERENCE





# ଉତ୍କଳ ପ୍ରସଙ୍ଗ


୧୫, ଜୁନ ୧୯୫୯ — ଜ୍ୟେଷ୍ଠ ୨୫ ଦିନ, ୧୮୮୧ ଶକାବ୍ଦ

ସମ୍ପାଦକ

ଶ୍ରୀ ସୁଧୀରଚନ୍ଦ୍ର ଘୋଷ

ସହଯୋଗୀ ସଂପାଦକ

ଶ୍ରୀ ରାମପ୍ରସାଦ ସିଂହ

ଟେଲିଗ୍ରାମ—ପବ୍ଲିସିଟି, ଭୁବନେଶ୍ୱର

ଟେଲିଫୋନ—୧୯ ଓ ୨୦ ଭୁବନେଶ୍ୱର

ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ, ଓଡ଼ିଶା

ନୂଆ ରାଜଧାନୀ ଭୁବନେଶ୍ୱର

ବାର୍ଷିକ ମୂଲ୍ୟ—ଦୁଇ ଟଙ୍କା

# ସୂଚୀପତ୍ର


| | | ପୃଷ୍ଠାଙ୍କ |
|---|---|---|
| ୧ । ଓଡ଼ିଶାରେ ନୂଆ ମନ୍ତ୍ରିମଣ୍ଡଳ | ... ... | ୧ |
| ୨ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡାକ୍ତର ହରେକୃଷ୍ଣ ମହତାବଙ୍କ ସଂକ୍ଷିପ୍ତ ଜୀବନୀ | ... | ୩ |
| ୩ । ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କ ସଂକ୍ଷିପ୍ତ ଜୀବନୀ | ... | ୫ |
| ୪ । ଶ୍ରୀ ରାଧାନାଥ ରଥଙ୍କ ସଂକ୍ଷିପ୍ତ ଜୀବନୀ | ... ... | ୭ |
| ୫ । ଓଡ଼ିଶାରେ ଶିଳ୍ପ-ବିଦ୍ୟାଳୟ | ... ... | ୮ |
| ୬ । ଓଡ଼ିଶାରେ ଶିଳ୍ପ-କାରିଗରୀ ତାଲିମ | ... ... | ୧୩ |
| ୭ । ଜାତୀୟ ଶିକ୍ଷାନବିସ-ତାଲିମ ପରିକଳ୍ପନା | ... ... | ୧୫ |
| ୮ । ଓଡ଼ିଶାରେ ଇଞ୍ଜିନିୟରିଂ ସ୍କୁଲ | ... ... | ୧୭ |
| ୯ । ଓଡ଼ିଶା କାରିଗରୀ ଶିକ୍ଷା ଓ ତାଲିମ | ... ... | ୨୦ |
| ୧୦ । ବୁର୍ଲା ଇଞ୍ଜିନିୟରିଂ କଲେଜ | ... ... | ୨୧ |
| ୧୧ । ଓଡ଼ିଶା ସଙ୍ଗୀତ-ନାଟକ ଏକାଡେମିର ତୃତୀୟ ନାଟ୍ୟୋତ୍ସବ | ... | ୨୪ |
| ୧୨ । ରାଜ୍ୟ ବାହାରେ ଉତ୍କଳର ବୈଷୟିକ-ଶିକ୍ଷା | ... ... | ୨୬ |
| ୧୩ । ସମସ୍ତଙ୍କ ଜାଣିବା ପାଇଁ | ... ... | ୩୫ |



ମୁଦ୍ରାକର
ଶ୍ରୀ ଭ ଅନସୂୟା ପ୍ରସାଦ ପାଠକ
ମାତୃଭାଷା ସମବାୟ ପ୍ରେସ, କଟକ



# ଜାତୀୟ ସଂଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟଗାଥା ।
ଜନ-ଗଣ-ମଙ୍ଗଳ-ଦାୟକ ଜୟ ହେ !
ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ !

# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଞ୍ଚୟ
# ଓ
# ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ—ବାର୍ଷିକ ସୁଧ ଶତକଡ଼ା ୭.୨୫ (ମାଚ୍ୟୁରିଟିରେ)।

୨। ଦଶବର୍ଷିଆ ଟ୍ରେଜେରି ସେଭିଂସ୍ ଡିପୋଜିଟ୍—ବର୍ଷକୁ ସୁଧ ଶତକଡ଼ା ୪ (ବର୍ଷକୁ ବର୍ଷ ଦିଆଯିବ)।

୩। ପନ୍ଦରବର୍ଷିଆ ଆନ୍ୟୁଇଟି—ଜମୁଥିବା ମାସକୁ ମାସ ୧୫ ବର୍ଷପାଏଁ ଟଙ୍କା ପାଉଥିବେ। ବାର୍ଷିକ ଶତକଡ଼ା ୪½ ଚକ୍ରବୃଦ୍ଧି ହାରରେ ସୁଧ।

୪। ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—ବାର୍ଷିକ ସୁଧ ଶତକଡ଼ା ୨୫; ୨୫ ଟଙ୍କାଠାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ତଦୁର୍ଦ୍ଧ୍ୱ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା; କୌଣସି କ୍ଷେତ୍ରରେ ସୁଧ ଉପରେ ଆୟ କର ଦେବାକୁ ପଡ଼ିବ ନାହିଁ।

**ସ୍ମରଣ ରଖନ୍ତୁ :**

ଆପଣ ଯେତିକି ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ଭବିଷ୍ୟତ ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ଆପଣାର ସଞ୍ଚୟକୁ ଜାତୀୟ ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରନ୍ତୁ।

ବିଶେଷ ବିବରଣ ପାଇଁ—

**ଦ ରିଜିଓନାଲ ନ୍ୟାସନାଲ ସେଭିଂସ୍ ଅଫିସର,** ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲ୍ଲାର **ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜର**ଙ୍କ ନିକଟକୁ ଲେଖନ୍ତୁ।

# ଉତ୍କଳ ପ୍ରସଙ୍ଗ

ପଞ୍ଚଦଶ ଭାଗ–୧୧ଶ ସଂଖ୍ୟା | ଜୈ୍ୟଷ୍ଠ ୨୫ ଦିନ, ୧୮୮୧ ଶକାବ୍ଦ | ୧୫, ଜୁନ ୧୯୫୯

## ଓଡ଼ିଶାରେ ନୂଆ ମନ୍ତ୍ରିମଣ୍ଡଳ

ଓଡ଼ିଶାର ନୂଆ ମନ୍ତ୍ରିମଣ୍ଡଳ ଗତ ମଇ ମାସ ୨୨ ତାରିଖ ଦିନ ୧୦ଟା ବେଳେ କଟକ ରାଜଭବନଠାରେ ଶପଥ ଗ୍ରହଣ କରିଥିଲେ । ନୂଆ ମନ୍ତ୍ରିମଣ୍ଡଳ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ, ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଓ ଶ୍ରୀ ରାଧାନାଥ ରଥଙ୍କୁ ନେଇ ଗଠିତ ହୋଇଛି । ମନ୍ତ୍ରୀମାନଙ୍କ ଭିତରେ ନିମ୍ନଲିଖିତ ମତେ ବିଭିନ୍ନ ବିଭାଗ ବଣ୍ଟନ କରାଯାଇଛି :—

ଡକ୍ଟର ହରେକୃଷ୍ଣ ମହତାବ—( ମୁଖ୍ୟମନ୍ତ୍ରୀ ), ପଲିଟିକାଲ ଆଣ୍ଡ ସର୍ଭିସେସ୍ ବିଭାଗର ସାଧାରଣ ଶାସନ ଓ ନୂଆ ରାଜଧାନୀ ପରିଚାଳନା, ସ୍ୱରାଷ୍ଟ୍ର, ରାଜସ୍ୱ, ଅବକାରୀ ଓ ଶିକ୍ଷା ବିଭାଗମାନ ।

ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ—ଅର୍ଥ, ସାଧାରଣ ଶାସନ ଓ ନୂଆ ରାଜଧାନୀ ପରିଚାଳନା ଛଡ଼ା ପଲିଟିକାଲ ଆଣ୍ଡ ସର୍ଭିସେସ୍, ଆଦିବାସୀ ଓ ଗ୍ରାମମଙ୍ଗଳ, ସ୍ୱାସ୍ଥ୍ୟ, ଶିଳ୍ପ, ଖଣି ଓ ଭୂତତ୍ତ୍ୱ, ଶ୍ରମ, ଆଇନ ଓ ପୁନର୍ବସତି ବିଭାଗମାନ ।

ଶ୍ରୀ ରାଧାନାଥ ରଥ—ବିକାଶ, ନିର୍ମାଣ, ବାଣିଜ୍ୟ, ଯାନବାହନ ଓ ଯୋଗାଣ ବିଭାଗମାନ ।

ଶପଥ ଗ୍ରହଣ ଅବସରରେ ଡକ୍ଟର ହରେକୃଷ୍ଣ ମହତାବ ଓ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ନିମ୍ନଲିଖିତ ମିଳିତ ବିବୃତି ପ୍ରଦାନ କରିଥିଲେ—

### ଉଭୟ ନେତାଙ୍କ ମିଳିତ ନିବେଦନ

ଏହି ବିବୃତିରେ ସେମାନେ କହିଛନ୍ତି, "ମୋଟାମୋଟି ଭାବରେ ସମସ୍ତ ଓଡ଼ିଆଭାଷୀ ବିଚ୍ଛିନ୍ନ ଅଞ୍ଚଳ, ବିଶେଷତଃ ସରାଇକେଲା ଓ ଖରସୁଆଁ କଥା ଆମ୍ଭମାନଙ୍କ ମନରେ ସର୍ବଦା ରହିବ ଓ ସେ ସବୁ ଅଞ୍ଚଳଗୁଡ଼ିକୁ ଓଡ଼ିଶା ସହିତ ପୁଣି ମିଶାଇବା ଲାଗି ଆମଦ୍ୱାରା ଯାହା କିଛି ହେବା ସମ୍ଭବ ଆମେ ସେ ସମସ୍ତ ଉଦ୍ୟମ କରିବୁ ।"

### ସୁବିଧାବାଦୀ ମେଣ୍ଟ ନୁହେଁ

ବିବୃତିରେ ସେମାନେ କହିଛନ୍ତି, "ଏହି ମିଳନକୁ ରାଜନୈତିକ ସୁବିଧାବାଦ ବୋଲି କେହି କେହି ଅଭିସନ୍ଧି ଆକ୍ଷେପ କରିଛନ୍ତି; କିନ୍ତୁ ସେମାନେ ଭୁଲିଯିବା

ଉଚିତ ନୁହେଁ ଯେ, ଯେଉଁଠାରେ ବ୍ୟବସ୍ଥାସଭା ଭିତରେ ବହୁଦଳଗୁଡ଼ିଏ ରାଜନୈତିକ ଦଳ ରହିଛନ୍ତି ଓ କୌଣସି ଗୋଟିଏ ଦଳର ସୁସ୍ପଷ୍ଟ ସଂଖ୍ୟାଗରିଷ୍ଠତା ନାହିଁ ସେଠାରେ ଗଣତନ୍ତ୍ର ବ୍ୟବସ୍ଥାକୁ ସଚଳ ରଖିବାକୁ ହେଲେ ମିଳିତ ସରକାର ଗଠନ ହିଁ ଏକମାତ୍ର ସ୍ୱାଭାବିକ ଓ ଅପରିହାର୍ଯ୍ୟ ପନ୍ଥା ।"

## ଅପାରଗତା ଓ ଅପବ୍ୟୟ ସହ୍ୟ କରାଯିବ ନାହିଁ

ବକ୍ତୃତାରେ ଆହୁରି କୁହାଯାଇଛି, "ବ୍ୟବସ୍ଥାସଭା ଭିତରେ ଓ ବାହାରେ ଏକ ଶକ୍ତିଶାଳୀ ସମର୍ଥନ ଥାଇ ଏକ ସୁଦୃଢ଼ ସରକାର ହେବା ଫଳରେ ଆମେ ଆଶା କରୁଛୁ ଯେ ବର୍ତ୍ତମାନ ଏ ରାଜନୈତିକ ଅଚଳ ଅବସ୍ଥାର ଅବସାନ ଘଟିବ ଓ ଏ ରାଜ୍ୟର ବିଭିନ୍ନ ସମ୍ପଦଗୁଡ଼ିକୁ ଯଥା-ସମ୍ଭବ ସ୍ୱଳ୍ପତମକାଳ ମଧ୍ୟରେ ଅଧିକତମ ପରିମାଣରେ ଉପଯୋଗ କରିବା ଓ ଯୋଜନାକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ । ଏହାପରେ ଏକ ସରକାରଦ୍ୱାରା ଭୂସଂସ୍କାର ବ୍ୟବସ୍ଥା, ସମବାୟ-କୃଷି ଓ ଖାଦ୍ୟଶସ୍ୟ ବ୍ୟବସାୟର ରାଷ୍ଟ୍ରାୟତ୍ତ ପରିଚାଳନା କାର୍ଯ୍ୟକ୍ରମ ଗ୍ରହଣ କରିବା ସହଜ ହେବ ଓ ଦେଶକୁ ସମାଜବାଦ ଦିଗରେ ଆଗେଇ ନେବାପାଇଁ ଏ ସବୁ କାର୍ଯ୍ୟକ୍ରମ-ପ୍ରତି ତୁରନ୍ତ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ । ଆମେ ଜାଣୁଛୁ ଯେ, ରାଜ୍ୟର ବର୍ତ୍ତମାନ ଆର୍ଥିକ ସମ୍ବଳ ନ ବଢ଼ାଇଲେ କୌଣସି ଯୋଜନା ସଫଳ ହେବ ନାହିଁ । ତେଣୁ ସାଧାରଣ ଜନତା ଉପରେ ସର୍ବନିମ୍ନ ଚାପ ଦେଇ ତାହା କରିବାକୁ ଆମେ ଚେଷ୍ଟା କରିବୁ । ଏହା ସଙ୍ଗେ ସଙ୍ଗେ ଶାସନ ପରିଚାଳନା କ୍ଷେତ୍ରରେ କୌଣସି ପ୍ରକାର ଅପାରଗତା ଓ ଅପବ୍ୟୟ ସହ୍ୟ କରାଯିବ ନାହିଁ ।"

## ଶକ୍ତିର ଅପଚୟ ଦୁର୍ଭାଗ୍ୟର କଥା

ଡକ୍ଟର ମହତାବ ଓ ଶ୍ରୀ ସିଂହଦେଓ ତାଙ୍କ ବକ୍ତୃତାରେ ଆହୁରି କହିଛନ୍ତି, "ଦୁଇଦଳର ରାଜନୈତିକ ଦଳମାନଙ୍କ ଭିତରେ ଲକ୍ଷ୍ୟ ସାଧନର ସୁଦୃଢ଼ ସିଦ୍ଧାନ୍ତରେ ଅଭାବ ଘଟିବା ଫଳରେ ଗତ କେତେ ବର୍ଷ ହେଲା ଓଡ଼ିଶା ରାଜନୈତିକ ଅନିଶ୍ଚିତତା ଭିତରେ ଘୋଷାରି ହେଉଥିଲା । ଓଡ଼ିଶା ଭଳି ଏକ ଅନୁନ୍ନତ ରାଜ୍ୟ ପକ୍ଷରେ ସେଭଳି ପରିସ୍ଥିତି ସହ୍ୟ କରାଯାଇ ନ ପାରେ । ପ୍ରାକୃତିକ ସମ୍ପଦ ଓ ଲୋକଶକ୍ତିରେ ଓଡ଼ିଶା ଗରିବ ନୁହେଁ । ଏହି ସମ୍ପଦସମୂହର ଯଥାର୍ଥ ଉପଯୋଗ କରିବାରେ ଯେଉଁ ଶକ୍ତି ପ୍ରୟୋଗ କରାଯିବା ଉଚିତ ଥିଲା, ତାହା ଦୁର୍ଭାଗ୍ୟକ୍ରମେ ସୀମାହୀନ ଓ ନିରର୍ଥକ ରାଜନୈତିକ ବାଦବିବାଦ ଭିତରେ ନଷ୍ଟ ହୋଇଯାଇଛି । ସେଭଳି ଅବସ୍ଥାର ଅବସାନ ଘଟାଇବା ଲାଗି ଆମେ ସ୍ଥିର କରିଛୁ ଯେ, ଏ ରାଜ୍ୟର ଦୁଇଟିଯାକ ବଡ଼ ରାଜନୈତିକ ଦଳ—ଯେଉଁମାନେ କି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଫଳ ଭାବରେ ଚଳାଇବା ବିଷୟରେ ପ୍ରକୃତରେ ବିଶ୍ୱାସ କରନ୍ତି ଏବଂ ଭାରତ ତଥା ଓଡ଼ିଶାର ଉନ୍ନତି ଓ ପ୍ରଗତି କାମନା କରନ୍ତି ସେ ଦୁଇଟିଯାକ ଦଳ—ମିଳିତ ହେବା ଉଚିତ ଏବଂ ଏକ ମିଳିତ ସରକାର ଗଢ଼ି ଏକ ସଙ୍ଗେ କାର୍ଯ୍ୟ କରିବା ଉଚିତ ।

## ସରକାରୀ କର୍ମଚାରୀଙ୍କ ଦାୟିତ୍ୱ

ଡକ୍ଟର ମହତାବ ଓ ଶ୍ରୀ ସିଂହଦେଓ କହିଛନ୍ତି, "ରାଜ୍ୟକୁ ପୁନର୍ଗଠିତ କରିବା ଭଳି କ୍ଲେଶକର କାର୍ଯ୍ୟ ସାଧନରେ ଶାସନକଳର ଗୁରୁ ଦାୟିତ୍ୱ ରହିଛି । ଆମର ଆଶା ଏବଂ ବିଶ୍ୱାସ ଯେ ଓଡ଼ିଶାର ସ୍ଥାୟୀ ସରକାରୀ କର୍ମଚାରୀମାନେ ପରିସ୍ଥିତିର ଯୋଗ୍ୟ ହୋଇ ଉଠିବେ ଏବଂ ଶାସନକଳ ଭିତରେ ଦକ୍ଷତା ତଥା ସାଧୁତାର ନୂତନ ଆଦର୍ଶ ଦେଖାଇବେ ।"

(୧୨ ପୃଷ୍ଠାର ଶେଷାଂଶ ଦେଖନ୍ତୁ)

# ଓଡ଼ିଶାର ମୁଖ୍ୟମନ୍ତ୍ରୀ
# ଡକ୍ଟର ହରେକୃଷ୍ଣ ମହତାବଙ୍କ ସଂକ୍ଷିପ୍ତ ଜୀବନୀ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ୧୮୯୯ ମସିହା ନଭେମ୍ବର ୨୧ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ସେ କଟକର ରେଭେନ୍ସା କଲେଜରେ ଶିକ୍ଷାଲାଭ କରିଥିଲେ । ୧୯୧୯ରୁ ୧୯୨୧ ମସିହା, ଏହି ୩ବର୍ଷ କାଳ ମଧ୍ୟରେ ସେ



ଓଡ଼ିଶାର କଂଗ୍ରେସ ଅନୁଷ୍ଠାନର ଅଗ୍ରଗଣ୍ୟ-ପ୍ରତିଷ୍ଠାତାମାନଙ୍କ ଭିତରେ ଅନ୍ୟତମ ଥିଲେ । ୧୯୨୩ରୁ ୧୯୨୪ ମସିହା ମଧ୍ୟରେ ସେ ଓଡ଼ିଶାର ପ୍ରଜାଆନ୍ଦୋଳନରେ ନେତୃସ୍ଥାନ ଗ୍ରହଣ କରିଥିଲେ ଓ କାରାବରଣ କରିଥିଲେ । ୧୯୨୪ରୁ ୧୯୨୮ ମସିହା ମଧ୍ୟରେ ସେ ବାଲେଶ୍ୱର ଜିଲ୍ଲାବୋର୍ଡର ଚେୟାରମ୍ୟାନରୂପେ ନିର୍ବାଚିତ ହୋଇଥିଲେ ଓ ୧୯୨୪ରେ ସେ ତତ୍କାଳୀନ ବିହାର-ଓଡ଼ିଶା ରାଜ୍ୟବିଧାନ ପରିଷଦ (କାଉନ୍‌ସିଲ)ର ସଭ୍ୟରୂପେ ନିର୍ବାଚିତ ହୋଇଥିଲେ । ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ସେ ଐତିହାସିକ ଲବଣ ସତ୍ୟାଗ୍ରହ ଓ ଆଇନ-ଅମାନ୍ୟ ଆନ୍ଦୋଳନକୁ ପରିଚାଳିତ କରିଥିଲେ ଓ ଦୁଇଥର କାରାବରଣ କରିଥିଲେ । ୧୯୩୩-୩୭ ମସିହା କାଳ ମଧ୍ୟରେ ସେ କଂଗ୍ରେସର ଗଠନମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଆଗ୍ରହ ପ୍ରକାଶ କରିଥିଲେ । ୧୯୩୬ରେ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟରୂପେ ତାଙ୍କୁ ଗ୍ରହଣ କରାଯାଇଥିଲା ଓ ୧୯୪୬ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିଥିଲେ । ୧୯୩୭-୩୯ ମସିହା ମଧ୍ୟରେ ସେ ଓଡ଼ିଶା ଦେଶୀୟ ରାଜ୍ୟ ପ୍ରଜା ଆନ୍ଦୋଳନକୁ ପରିଚାଳିତ କରିଥିଲେ ଓ ଓଡ଼ିଶା ଗଡ଼ଜାତ ପ୍ରଜା ଅନୁସନ୍ଧାନକାରୀ କମିଟିର ଚେୟାରମ୍ୟାନରୂପେ ରହିଥିଲେ । ୧୯୪୨ ସାଲରେ ସେ 'ଭାରତ-ଛାଡ଼' ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଓ ଅହମଦ ନଗର ଦୁର୍ଗରେ ଭାରତର ତୁଙ୍ଗ କଂଗ୍ରେସ ନେତାମାନଙ୍କ ସହିତ ତାଙ୍କୁ ଅଟକବନ୍ଦୀରୂପେ ରଖାଯାଇଥିଲା । ସେଥିରୁ ମୁକ୍ତ ହେଲା ପରେ ୧୯୪୬ ମସିହା ଏପ୍ରିଲ ମାସରେ ଓଡ଼ିଶାର କଂଗ୍ରେସ ମନ୍ତ୍ରିମଣ୍ଡଳର ମୁଖ୍ୟରୂପେ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବା ପାଇଁ ତାଙ୍କୁ ଆହ୍ୱାନ କରାଯାଇଥିଲା । ଏହି ପଦରେ ସେ ୧୯୫୦ ମସିହା ମେ ୧୨ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଅଳ୍ପ କାଳ ମଧ୍ୟରେ ସେ ଯେଉଁ ଐତିହାସିକ ଅବଦାନ ଦେଇଥିଲେ ତାହା ହେଉଛି, ତତ୍କାଳୀନ ଓଡ଼ିଶା ପ୍ରଦେଶ ସହିତ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ । ଫଳତଃ ଏହା ହିଁ ପରବର୍ତ୍ତୀ କାଳରେ ସ୍ୱାଧୀନ ଭାରତରେ ଅନ୍ୟାନ୍ୟ ସବୁ ଦେଶୀୟ ରାଜ୍ୟ-

ଗୁଡ଼ିକର ମିଶ୍ରଣର ପଥ ଉନ୍ମୁକ୍ତ କରିଥିଲା । ଏହା ବ୍ୟତୀତ, ବହୁମୁଖୀ ହୀରାକୁଦ ବନ୍ଧ ଯୋଜନାର ଶୁଭ ଦେବା, ଭୁବନେଶ୍ୱରଠାରେ ନୂଆ ରାଜଧାନୀ ନିର୍ମାଣ କରିବା ଓ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟମାନ ଆରମ୍ଭ କରିବା ଉଲ୍ଲେଖଯୋଗ୍ୟ । ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ ସେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀରୂପେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗ ଦେଇଥିଲେ । ୧୯୫୨ ମସିହାଠାରୁ ୧୯୫୫ ମସିହା ପର୍ଯ୍ୟନ୍ତ ସେ ପାର୍ଲିଆମେଣ୍ଟ କଂଗ୍ରେସ ଦଳର ସାଧାରଣ ସମ୍ପାଦକରୂପେ କାର୍ଯ୍ୟ କରିଥିଲେ । ୧୯୫୨ ମସିହାରେ ସେ ଇଂଲଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା ଓ ଜାପାନ ଆଦି ଅନେକ ବୈଦେଶିକ ରାଷ୍ଟ୍ର ଗସ୍ତ କରିଥିଲେ । ୧୯୫୫ ମସିହା ମାର୍ଚ୍ଚ ମାସରେ ସେ ବମ୍ବେ ରାଜ୍ୟର ରାଜ୍ୟପାଳରୂପେ ନିଯୁକ୍ତ ହୋଇ ୧୯୫୬ ମସିହା ଅକ୍ଟୋବର ପର୍ଯ୍ୟନ୍ତ ସେହି ପଦରେ ଥିଲେ । ଏହା ପରେ ସେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସ୍ଥାନରେ ଆଉଥରେ ଓଡ଼ିଶାର ମୁଖ୍ୟମନ୍ତ୍ରୀରୂପେ ଯୋଗ ଦେଇଥିଲେ । ଦ୍ୱିତୀୟ ସାଧାରଣ ନିର୍ବାଚନ ପରଠାରୁ ଡକ୍ଟର ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀରୂପେ ଶାସନ ଭାର ଗ୍ରହଣ କରି ଆସୁଛନ୍ତି ।

## ସାଂସ୍କୃତିକ କାର୍ଯ୍ୟକଳାପ

ସର୍ବଦା ରାଜନୀତିରେ ବ୍ୟସ୍ତ ରହୁଥିଲେ ମଧ୍ୟ ଡକ୍ଟର ମହତାବ ସାଂସ୍କୃତିକ ଚର୍ଚ୍ଚା ମଧ୍ୟ କରିଥାନ୍ତି । ଓଡ଼ିଶା ଇତିହାସର ପ୍ରାମାଣିକ ଗ୍ରନ୍ଥ ସ୍ୱରୂପ "ଓଡ଼ିଶା ଇତିହାସ" ନାମକ ବହିଟି ସେ ଲେଖିଛନ୍ତି । ଓଡ଼ିଶାର ଇତିହାସରେ ସେ ନିଜେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଂଶ ଗ୍ରହଣ କରିଛନ୍ତି । ସେ ବହୁତ-ଗୁଡ଼ିଏ ପୁସ୍ତକ ପ୍ରଣୟନ କରିଛନ୍ତି । ଅନେକଗୁଡ଼ିଏ ରାଜନୀତିକ ସମସ୍ୟାମୂଳକ ଲେଖା ଛଡ଼ା ସାହିତ୍ୟିକ ରଚନାମାନଙ୍କ ମଧ୍ୟରେ ସେ କେତେଗୁଡ଼ିଏ ଲୋକ-ପ୍ରିୟ ଉପନ୍ୟାସ ଓ ନାଟକ ପ୍ରଣୟନ କରିଛନ୍ତି ।

୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଓ ୧୯୫୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟଦ୍ୱାରା ସାହିତ୍ୟରେ ଦୁଇ ଥର ପାଇଁ ସେ ସମ୍ମାନ-ସୂଚକ "ଡକ୍ଟରେଟ୍" ଉପାଧିରେ ଭୂଷିତ ହୋଇଥିଲେ । ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ଆଜୀବନ ସଭ୍ୟ ଅଟନ୍ତି ।



ରାଜ୍ୟପାଳଙ୍କସହ ଓଡ଼ିଶାର ନୂଆ ମନ୍ତ୍ରୀମଣ୍ଡଳର ସଭ୍ୟବୃନ୍ଦ



ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ରାଜଭବନରେ ଶପଥପତ୍ର ପାଠ କରୁଛନ୍ତି



ବିକାଶ ଓ ନିର୍ମାଣ ବିଭାଗମନ୍ତ୍ରୀ ଶ୍ରୀ ରାଧାନାଥ ରଥ
ରାଜଭବନଠାରେ ଶପଥପତ୍ର ପାଠ କରୁଛନ୍ତି



ଅର୍ଥ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ
ରାଜଭବନରେ ଶପଥପତ୍ର ପାଠ କରୁଛନ୍ତି

# ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହ ଦେଓଙ୍କ ସଂକ୍ଷିପ୍ତ ଜୀବନୀ

ସରାଇକେଲାର ରାଜା ଆଦିତ୍ୟପ୍ରତାପ ସିଂହ ଦେଓଙ୍କର ଦ୍ୱିତୀୟ ପୁତ୍ରରୂପେ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ମାର୍ଚ୍ଚ ୩୧ ତାରିଖ ୧୯୧୨ ମସିହାରେ ସରାଇକେଲାଠାରେ ଜନ୍ମଗ୍ରହଣ କରିଥିଲେ । ସରାଇକେଲାର ସ୍କୁଲମାନଙ୍କରେ ସେ ତାଙ୍କର



ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ । ୧୯୨୨ ମସିହାରେ ତାଙ୍କୁ ଯେତେବେଳେ ୧୦ ବର୍ଷ ବୟସ ହୋଇଥିଲା, ସେ ସେତେବେଳେ ପାଟଣାର ସ୍ୱର୍ଗତ ମହାରାଜା ପୃଥ୍ୱୀରାଜ ସିଂହଦେଓଙ୍କର ପୋଷ୍ୟପୁତ୍ର ହୋଇ ଆସିଥିଲେ । ୧୯୨୨ ଠାରୁ ୧୯୨୯ ମସିହା ମଧ୍ୟରେ ସେ ଆଜମୀରର ମେୟୋ କଲେଜରେ ଜଣେ ପ୍ରତିଭାଶାଳୀ ଛାତ୍ର ହିସାବରେ ଶିକ୍ଷାଲାଭ କରିଥିଲେ । ଆଜମୀର ପରିତ୍ୟାଗ କଲାପରେ ହଜାରିବାଗର ସେଣ୍ଟ କଲମ୍ବିଆ କଲେଜରେ ସେ ଆଇ. ଏ. ପଢ଼ି ୧୯୩୧ ମସିହାରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ । ଛାତ୍ର ଜୀବନରେ ତାଙ୍କଠାରେ ଯେଉଁ ପ୍ରତିଭା ଦେଖାଯାଇଥିଲା ସେ ଦୃଷ୍ଟିରୁ, ଘରୋଇ ଭାବରେ ପଢ଼ି ବି. ଏ. ପରୀକ୍ଷା ଦେବାପାଇଁ ପାଟଣା ବିଶ୍ୱବିଦ୍ୟାଳୟ ତାଙ୍କୁ ସ୍ୱତନ୍ତ୍ରଭାବରେ ଅନୁମତି ଦେଇଥିଲେ । ଆଇନରେ ଶିକ୍ଷାଲାଭ ଓ ଶାସନ ସମ୍ବନ୍ଧୀୟ ତାଲିମ ପାଇବା ସଙ୍ଗେ ସଙ୍ଗେ ସେ ଘରୋଇ ଭାବରେ ଇତିହାସ ଓ ଅର୍ଥନୀତିରେ ଅଧ୍ୟୟନ ଆରମ୍ଭ କରିଥିଲେ ।

୧୯୩୨ ମସିହା ଏପ୍ରିଲ ମାସରେ ଶ୍ରୀ ସିଂହ ଦେଓ ପାତିଆଲର ସ୍ୱର୍ଗୀୟ ମହାରାଜାଧିରାଜଙ୍କର କନ୍ୟା ମହାରାଣୀ କେ. କେ. ଦେବୀଙ୍କୁ ବିବାହ କରିଥିଲେ ଓ ୧୯୩୩ ମସିହା ଫେବୃୟାରୀ ୩ ତାରିଖରେ ତାଙ୍କ ହସ୍ତରେ ଶାସନ କରିବାର ପୂର୍ଣ୍ଣ କ୍ଷମତା ଦିଆଯାଇଥିଲା । ସେ ଜଣେ ଯୁଗୋପଯୋଗୀ ଶାସନକର୍ତ୍ତା ଥିଲେ । ଓଡ଼ିଶାର ଦେଶୀୟ ଗଡ଼ଜାତମାନଙ୍କ ଭିତରେ ପାଟଣା ରାଜ୍ୟର ଶାସନ ସର୍ବୋତ୍ତମ ଥିଲା ବୋଲି ଜଣାଯାଏ । ଜଣେ ଶାସନକର୍ତ୍ତା ହିସାବରେ ତାଙ୍କର ରାଜ୍ୟକୁ ଗଣତାନ୍ତ୍ରିକ ଗ୍ରାମ ଓ ଶାସନ-ପ୍ରଣାଳୀର ପୁନର୍ଗଠନ କାର୍ଯ୍ୟ, ଆୟ ପନ୍ଥାର ଉନ୍ନୟନ ଓ ଲୋକମାନଙ୍କ ଅବସ୍ଥାର ମଙ୍ଗଳବିଧାନ ପାଇଁ ସେ ନିଜର ସମସ୍ତ ଶକ୍ତି ଖଟାଇଥିଲେ । ଶିକ୍ଷାପ୍ରତି ସେ ବିଶେଷ ଭାବରେ ଆଗ୍ରହୀ ଥିଲେ ଓ ବଲାଙ୍ଗୀରରେ ରାଜେନ୍ଦ୍ର କଲେଜ ସ୍ଥାପନ କରିଥିଲେ । ଓଡ଼ିଶା ଦେଶୀୟ ରାଜ୍ୟମାନଙ୍କରେ ଏହା ହିଁ ପ୍ରଥମ କଲେଜ ଭାବରେ ସ୍ଥାପିତ ହୋଇଥିଲା । ସେ ଗୋଟିଏ କୃଷି ବିଦ୍ୟାଳୟ ସ୍ଥାପନ କରିଥିଲେ । ଏହା ବର୍ତ୍ତମାନ ସମ୍ପ୍ରସାରଣ ତାଲିମ ବିଦ୍ୟାଳୟ ହୋଇଅଛି । ବଲାଙ୍ଗୀର ହାଇସ୍କୁଲର ବିଜ୍ଞାନ ଶ୍ରେଣୀ ସହିତ ସେ ଅନେକଗୁଡ଼ିଏ ସ୍କୁଲ ସ୍ଥାପନ କରିଥିଲେ ।

ଶ୍ରୀ ସିଂହ ଦେଓ ପୂର୍ବ ଦେଶୀୟ ରାଜ୍ୟ ଶାସକ ପରିଷଦର ଜଣେ ବରିଷ୍ଠ ସଭ୍ୟ ଥିଲେ । ସେ ମଧ୍ୟ ସ୍ୱରାଜ୍ୟ ମନ୍ତ୍ରଣାଳୀ ସ୍ଥାୟୀ କମିଟୀ ଓ ପୂର୍ବ ଦେଶୀୟ ରାଜ୍ୟ ଯୁଦ୍ଧୋତ୍ତର ପୁନର୍ଗଠନ କମିଟୀର ଜଣେ ସଭ୍ୟ ଥିଲେ ଓ ପୂର୍ବ ଦେଶୀୟ ରାଜ୍ୟମାନଙ୍କର ଜଙ୍ଗଲ ଓ କୃଷି ବୋର୍ଡ଼ର ସଭାପତି ହୋଇଥିଲେ ।

୧୯୪୮ ମସିହାଠାରୁ ଓଡ଼ିଶା ଗଡ଼ଜାତଗୁଡ଼ିକର ମିଶ୍ରଣ ହେବା ସମୟରୁ ଶ୍ରୀ ସିଂହ ଦେଓ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଓ ଗଣତନ୍ତ୍ର ପରିଷଦ ସହିତ ସକ୍ରିୟ ଭାବରେ ସଂଯୁକ୍ତ ଥିଲେ । ସେ ଦୁଇଥର ପରିଷଦର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ ଓ ବର୍ତ୍ତମାନ ଏହାର କାର୍ଯ୍ୟକାରୀ କମିଟୀ ଓ ପାର୍ଲିଆମେଣ୍ଟାରୀ ବୋର୍ଡ଼ର ଜଣେ ବରିଷ୍ଠ ସଭ୍ୟ ଭାବରେ ରହିଛନ୍ତି । ୧୯୫୧-୫୨ ମସିହାର ସାଧାରଣ ନିର୍ବାଚନରେ ସେ ବଲାଙ୍ଗୀର-କଳାହାଣ୍ଡିର ଦୁଇ ଜଣିଆ ସଭ୍ୟବିଶିଷ୍ଟ ନିର୍ବାଚନ ମଣ୍ଡଳୀରୁ ଲୋକସଭା ପାଇଁ ପ୍ରାର୍ଥୀ ହୋଇଥିଲେ ଓ ସେଠାରୁ ବିପୁଳ ଭୋଟାଧିକ୍ୟରେ ନିର୍ବାଚିତ ହୋଇଥିଲେ ।

ଗଣତନ୍ତ୍ର ପରିଷଦର ଅନ୍ୟାନ୍ୟ ପାର୍ଲିଆମେଣ୍ଟ ଓ ବିଧାନ ସଭାର ସଦସ୍ୟମାନଙ୍କ ସହ ରାଜ୍ୟ ପୁନର୍ଗଠନ ସମ୍ପର୍କରେ ଓଡ଼ିଶା ପ୍ରତି ଅନ୍ୟାୟ କରାଯାଇଥିବାର ପ୍ରତିବାଦ କରି ଶ୍ରୀ ସିଂହଦେଓ ପାର୍ଲିଆମେଣ୍ଟ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ । ଲୋକ ସଭାରେ ସେ ସ୍ୱର୍ଗୀୟ ଡଃ ଶ୍ୟାମାପ୍ରସାଦ ମୁଖର୍ଜୀଙ୍କ ଅଧିନାୟକତ୍ୱରେ ଗଢ଼ାଯାଇଥିବା ଜାତୀୟ ଗଣତାନ୍ତ୍ରିକ ଦଳର ସେକ୍ରେଟେରୀ ଜେନେରାଲ ହୋଇଥିଲେ । ବହୁ ବର୍ଷ ପର୍ଯ୍ୟନ୍ତ ଶ୍ରୀ ସିଂହ ଦେଓ ଉତ୍କଳ ସମ୍ମିଳନୀର ସଭାପତି ହୋଇଥିଲେ ଓ ୧୯୫୬ ମସିହା ଜାନୁୟାରୀ ମାସରେ ଓଡ଼ିଶା ରାଜ୍ୟ ପୁନର୍ଗଠନ ଆନ୍ଦୋଳନରେ ସେ ସତ୍ୟାଗ୍ରହୀରୂପେ ଯୋଗଦେଇ ଗିରଫ ହୋଇଥିଲେ ଓ ୧୯୫୬ ମସିହା ଜାନୁୟାରୀ ୨୯ ତାରିଖଠାରୁ ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ କଟକ ଜେଲ୍ ଭିତରେ ରହିଥିଲେ ।

୧୯୫୭ ମସିହା ସାଧାରଣ ନିର୍ବାଚନରେ ସେ ଟିଟିଲାଗଡ଼ ଦୁଇ ଜଣିଆ ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇ ସେହିଦିନଠାରୁ ବିରୋଧୀଦଳର ନେତା ଭାବରେ ରହି ଆସିଛନ୍ତି । ୧୯୫୭ ମସିହାଠାରୁ ସେ ଆସେମ୍ବ୍ଲିର କେତେକ ଗୁରୁତ୍ୱପୂର୍ଣ୍ଣ ସାଖ କମିଟୀରେ ଓ ସରକାରଙ୍କର ଅନ୍ୟାନ୍ୟ କମିଟୀରେ ସଭ୍ୟ ଭାବରେ ଓ ପବ୍ଲିକ୍ ଏକାଉଣ୍ଟସ୍ କମିଟୀର ସଭାପତି ଭାବରେ ରହି ଆସିଛନ୍ତି । ସେ ମଧ୍ୟ ସାଧାରଣ ଖାଣ୍ଡି (ଭଲ୍ୟୁମ) ଉପଯୋଗ ତଦନ୍ତ କମିଟୀର ଜଣେ ସଭ୍ୟ ଥିଲେ । ଏହି କମିଟୀ ବ୍ୟାପକ ଭାବରେ ରାଜ୍ୟସାରା ଭ୍ରମଣ କରିଥିଲେ ।

# ଶ୍ରୀ ରାଧାନାଥ ରଥଙ୍କ ସଂକ୍ଷିପ୍ତ ଜୀବନୀ

**ଉନ୍ନୟନ** ବିଭାଗର ମନ୍ତ୍ରୀ ଶ୍ରୀ ରାଧାନାଥ ରଥ ୧୯୫୨ ଠାରୁ ୧୯୫୭ ମସିହା ପର୍ଯ୍ୟନ୍ତ କଟକ ମନ୍ତ୍ରି-ମଣ୍ଡଳରେ ମଧ୍ୟ ଜଣେ ମନ୍ତ୍ରୀ ଥିଲେ । ଉତ୍କଳମଣି ପଣ୍ଡିତ



ଗୋପବନ୍ଧୁ ଦାସଙ୍କର ଜଣେ ବିଶ୍ବସ୍ତ ସହକର୍ମୀ ରୂପେ ସାକ୍ଷୀଗୋପାଳରେ ସେ ୧୯୧୯ ମସିହାରେ ସାଧାରଣ କର୍ମକ୍ଷେତ୍ରରେ ପ୍ରବେଶ କଲେ ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କଦ୍ୱାରା ପ୍ରତିଷ୍ଠିତ ଓଡ଼ିଆ ଦୈନିକ ସମ୍ବାଦପତ୍ର "ସମାଜ"ର ପରିଚାଳନା ସହିତ ସଂପୃକ୍ତ ଥିଲେ । ପରେ ଲାଲ ଲଜପତ୍ ରାୟଙ୍କଦ୍ୱାରା ପ୍ରତିଷ୍ଠିତ ଲୋକ-ସେବକ ସମାଜର ସେ ଜଣେ ଆଜୀବନ ସଭ୍ୟ ହେଲେ ଓ ଆଜପର୍ଯ୍ୟନ୍ତ ମଧ୍ୟ ଏହାର ସଭ୍ୟ ଭାବରେ ରହି ଅଛନ୍ତି । ୭ ବର୍ଷ ପର୍ଯ୍ୟନ୍ତ ସେ "ସମାଜ"ର ସମ୍ପାଦକ ଥିଲେ । ବିଧାନ ସଭାର ସଦସ୍ୟ ହେବା ପୂର୍ବରୁ ଓଡ଼ିଶା ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନ ସହିତ ସେ ସଂପୃକ୍ତ ରହିଥିଲେ । ଆଠଗଡ଼ (ଯେଉଁ ପୂର୍ବ-ଗଡ଼ଜାତରୁ ସେ ଆସିଛନ୍ତି) ପ୍ରଜାମଣ୍ଡଳର ସେ ସଭାପତି ଥିଲେ ।

୧୯୪୨ ମସିହାରେ ଜଣେ ବିଶିଷ୍ଟ କଂଗ୍ରେସ ନେତା ହିସାବରେ ଶ୍ରୀ ରଥ ଗିରଫ ହୋଇ କାରାବରଣ କରିଥିଲେ । ୧୯୪୮ ମସିହାରେ ଓଡ଼ିଶା ରାଜ୍ୟ ସହିତ ପୂର୍ବତନ ଦେଶୀୟ ରାଜ୍ୟଗୁଡ଼ିକ ସାମିଲ୍ ହୋଇସିବା-ପରେ ଶ୍ରୀ ରଥ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇ ଆସିଥିଲେ ଓ ୧୯୫୨ ମସିହାରେ କଂଗ୍ରେସ ଆସେମ୍ବ୍ଲି ପାର୍ଟିର ଉପଦଳପତି ହୋଇଥିଲେ । ମନ୍ତ୍ରିମଣ୍ଡଳରେ ଯୋଗଦେବା ପୂର୍ବରୁ ଶ୍ରୀ ରଥ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସମ୍ମିଳନୀ, ଇଣ୍ଡିଆଇଟେଡ୍ ରିଲିଫ୍ କାଉନ୍‌ସିଲ୍ ଓ ଓଡ଼ିଶା ରପ୍ତାନି ଆସୋସିଏସନ୍ ଭଳି ବହୁ ସାଧାରଣ ଅନୁଷ୍ଠାନର ସଭାପତି, ସେକ୍ରେଟାରୀ କିମ୍ବା କାର୍ଯ୍ୟକାରୀ କମିଟିର ଜଣେ ବିଶିଷ୍ଟ ସଭ୍ୟ ଭାବରେ ସଂପୃକ୍ତ ହୋଇ ଆସିଛନ୍ତି । ଶ୍ରୀ ରଥଙ୍କ ବୟସ ବର୍ତ୍ତମାନ ୫୯ ବର୍ଷ ଅଟେ ।

# ଓଡ଼ିଶାରେ ଶିଳ୍ପ ବିଦ୍ୟାଳୟ

ଯୁଦ୍ଧୋତ୍ତର ଯୋଜନାକାଳ ପୂର୍ବରୁ ଓଡ଼ିଶାରେ ଦୁଇଟି ମାତ୍ର ଶିଳ୍ପବିଦ୍ୟାଳୟ ଥିଲା; ଗୋଟିଏ ଅନୁଗୁଳରେ ଓ ଅନ୍ୟଟି ଫୁଲବାଣୀରେ । ଏହି ଦୁଇଟି ବିଦ୍ୟାଳୟରେ ଶିକ୍ଷାଦାନର ମାନ ଅତି ପ୍ରାଥମିକ ଧରଣର ଥିଲା । ଯୁଦ୍ଧୋତ୍ତର ଯୋଜନାକାଳ ମଧ୍ୟରେ ଏହି ଦୁଇ ବିଦ୍ୟାଳୟର ମାନ ବଢ଼ାଇବା ପାଇଁ ତଥା ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଓ ସମ୍ବଲପୁରଠାରେ ୪ଟି ନୂଆ ଶିଳ୍ପ ବିଦ୍ୟାଳୟ ବସାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ତା’ପରେ ବ୍ରହ୍ମପୁର ଓ ସମ୍ବଲପୁରରେ ଦୁଇଟି ନୂଆ ବିଦ୍ୟାଳୟ ବସାଇବାକୁ ଓ ବାଲେଶ୍ୱରଠାରେ ଗୋଟିଏ ନୂଆ ବିଦ୍ୟାଳୟ ବସାଇବା ପରିବର୍ତ୍ତେ ସେଠାରେ ଆଗରୁ ରହିଥିବା ‘ବାଲେଶ୍ୱର ଟେକ୍‌ନିକାଲ ସ୍କୁଲ’କୁ ସାହାଯ୍ୟ ଦେବାକୁ ସ୍ଥିର କରାଗଲା ।

୧୯୪୮ରେ ଓଡ଼ିଶା ପ୍ରଦେଶ ସହିତ ଗଡ଼ଜାତ ରାଜ୍ୟର ମିଶ୍ରଣ ହେବା ଫଳରେ ଆହୁରି ୮ଟି ବିଦ୍ୟାଳୟ ଓଡ଼ିଶା ସରକାରଙ୍କ ଅଧୀନକୁ ଆସିଗଲା । ଏଗୁଡ଼ିକ ହେଉଛି, ନୟାଗଡ଼, ବଲାଙ୍ଗୀର, ବଡ଼ଗାଁ, ସୋନପୁର, କୁଣ୍ଡା, ନରସିଂହପୁର, ବାରିପଦା ଓ ଆଠମଲ୍ଲିକରେ ଥିବା ଶିଳ୍ପ-ବିଦ୍ୟାଳୟମାନ ।

ଏଗୁଡ଼ିକ ଛଡ଼ା, ରାଜ୍ୟର ସମୂହ ବିକାଶ ବିଭାଗ-ଦ୍ୱାରା ବେଲଗୁଣ୍ଠା, ରଙ୍ଗୁଣ, ନୟାଗଡ଼, ବଡ଼ଗାଁ, ବଲାଙ୍ଗୀର, ବରଗଡ଼ ଓ ଜୁନାଗଡ଼ସ୍ଥ ସମୂହବିକାଶ ବ୍ଲକରେ ବସାଯାଇଥିବା ସାତଟିଯାକ ତାଲିମ ତଥା-ଉତ୍ପାଦନ କେନ୍ଦ୍ରକୁ ଶିଳ୍ପ ବିଭାଗର ନିୟନ୍ତ୍ରଣ ଓ ପରିଚାଳନା ଅଧୀନକୁ ହସ୍ତାନ୍ତରିତ କରି ଦିଆଗଲା ।

ଏହିରୂପେ ବର୍ତ୍ତମାନ ଓଡ଼ିଶାରେ ୧୨ଟି ଶିଳ୍ପ ବିଦ୍ୟାଳୟ ଓ ୭ଟି ଯୋଜନା ତାଲିମ କେନ୍ଦ୍ର ରହିଛି । ଏହି ଯୋଜନା ତାଲିମ କେନ୍ଦ୍ରଗୁଡ଼ିକୁ ଶିଳ୍ପ ବିଭାଗ ଅଧୀନକୁ ହସ୍ତାନ୍ତରିତ କରି ଦିଆଗଲା ପରେ ସେ-ଗୁଡ଼ିକ ଶିଳ୍ପ ବିଦ୍ୟାଳୟ ସହ ସମାନ ବ୍ୟବହାର ପାଉଛନ୍ତି ।

ଏହିସବୁ ବିଦ୍ୟାଳୟ, ସେଠାରେ କେଉଁ କେଉଁ ବ୍ୟବସାୟ ଶିକ୍ଷା ଦିଆଯାଏ ଏବଂ ଅନୁବନ୍ଧ ପର୍ଯ୍ୟନ୍ତ ପ୍ରତ୍ୟେକ ବିଦ୍ୟାଳୟରେ କେତେ ଶିକ୍ଷାର୍ଥୀ ଗ୍ରହଣ କରାଯାଇ ପାରିବେ ତାହାର ଏକ ତାଲିକା ନିମ୍ନରେ ଦିଆଗଲା ।

| କେନ୍ଦ୍ରର ନାମ | ବ୍ୟବସାୟର ନାମ | ଶିକ୍ଷାର୍ଥୀ ସଂଖ୍ୟା |
|---|---|---|
| ୧ | ୨ | ୩ |
| ଫୁଲବାଣୀ ଶିଳ୍ପ ବିଦ୍ୟାଳୟ :— | | |
| | ବଢ଼େଇ କାମ ... | ୧୪ |
| | ଲୁଗାବୁଣା ... | ୭ |
| | ଦରଜିକାମ ... | ୮ |
| | କମାର କାମ ... | ୭ |
| | ବେତ କାମ ... | ୭ |
| | ଜୋତା ତିଆରି ... | ୭ |
| | ମୋଟ | ୫୦ |
| ବ୍ରହ୍ମପୁର ଶିଳ୍ପ ବିଦ୍ୟାଳୟ :— | | |
| | ବଢ଼େଇ କାମ ... | ୧୫ |
| | ଜୋତା ତିଆରି ... | ୭ |
| | କମାର କାମ ... | ୭ |
| | ମୋଟ | ୭୭ |

**ଅନୁଗୁଳ ଶିଳ୍ପ ବିଦ୍ୟାଳୟ :—**

| | | |
|---|---|---|
| ବଢ଼େଇ କାମ | ... | ୧୦ |
| ଲୁଗାବୁଣା | ... | ୭ |
| ଦର୍ଜିକାମ | ... | ୧୨ |
| ବେତ କାମ | ... | ୭ |
| | ମୋଟ | ୩୫ |

**ସମ୍ବଲପୁର ଶିଳ୍ପ ବିଦ୍ୟାଳୟ :—**

| | | |
|---|---|---|
| ବଢ଼େଇ କାମ | ... | ୧୫ |
| ଜୋତା ତିଆରି | ... | ୭ |
| | ମୋଟ | ୨୨ |

**ବଉଗାଁ ଶିଳ୍ପ ବିଦ୍ୟାଳୟ :—**

| | | |
|---|---|---|
| ବଢ଼େଇ କାମ | ... | ୫ |
| ଲୁଗାବୁଣା | ... | ୧୦ |
| ଦର୍ଜିକାମ | ... | ୫ |
| କମାର କାମ | ... | ୫ |
| | ମୋଟ | ୨୫ |

**ଖୁର୍ଦ୍ଧା ଶିଳ୍ପ ବିଦ୍ୟାଳୟ :—**

| | | |
|---|---|---|
| ବଢ଼େଇ କାମ | ... | ୫ |
| ଲୁଗାବୁଣା | ... | ୫ |
| ଦର୍ଜିକାମ | ... | ୫ |
| | ମୋଟ | ୧୫ |

**ନରସିଂହପୁର ଶିଳ୍ପ ବଦ୍ୟାଳୟ :—**

| | | |
|---|---|---|
| ବଢ଼େଇ କାମ | ... | ୮ |
| ବେତ କାମ | ... | ୭ |
| | ମୋଟ | ୧୫ |

**ଅଠମଲ୍ଲିକ ଶିଳ୍ପ ବିଦ୍ୟାଳୟ :—**

| | | |
|---|---|---|
| ବଢ଼େଇ କାମ | ... | ୭ |
| ଲୁଗାବୁଣା | ... | ୭ |
| ଜୋତା ତିଆରି | ... | ୭ |
| | ମୋଟ | ୨୦ |

**ବଲାଙ୍ଗୀର ଶିଳ୍ପ ବିଦ୍ୟାଳୟ :—**

| | | |
|---|---|---|
| ବଢ଼େଇ କାମ | ... | ୮ |
| ବେତକାମ | ... | ୭ |
| | ମୋଟ | ୧୫ |

**ନୟାଗଡ଼ ଶିଳ୍ପ ବିଦ୍ୟାଳୟ :—**

| | | |
|---|---|---|
| ବଢ଼େଇ କାମ | ... | ୫ |
| ଲୁଗାବୁଣା | ... | ୫ |
| ଦର୍ଜିକାମ | ... | ୫ |
| | ମୋଟ | ୧୫ |

**ସୋନପୁର ଶିଳ୍ପ ବିଦ୍ୟାଳୟ :—**

| | | |
|---|---|---|
| ବଢ଼େଇ କାମ | ... | ୫ |
| ଲୁଗାବୁଣା | ... | ୫ |
| ଦର୍ଜିକାମ | ... | ୫ |
| | ମୋଟ | ୧୫ |

**ଯୋଜନା ତାଲିମ କେନ୍ଦ୍ର, ବେଲଗୁଣ୍ଠା :—**

| | | |
|---|---|---|
| ବଢ଼େଇ କାମ | ... | ୧୦ |
| କମାର କାମ | ... | ୧୦ |
| (ଫିଟିଂ) ଖଞ୍ଜାଖଞ୍ଜି କାମ | ... | ୧୦ |
| କୁନ୍ଦିବା ଓ ଛାଞ୍ଚ କାଢ଼ିବା କାମ | | ୧୦ |
| (ଆଇ·ସି· ଇଞ୍ଜିନ) ଆଭ୍ୟନ୍ତର ଜ୍ୱଳନ ଇଞ୍ଜିନ୍ | | ୧୦ |
| ତାର ଲଢ଼ିବା ଓ ଯୋଡ଼େଇ କାମ | | ୧୦ |
| | ମୋଟ | ୬୦ |

**ଯୋଜନା ତାଲିମ କେନ୍ଦ୍ର, ବରଗଡ଼ :—**

| | | |
|---|---|---|
| ବଢ଼େଇ କାମ | ... | ୧୦ |
| କମାର କାମ | ... | ୧୦ |
| ବେତ ଓ ବାଉଁଶ କାମ | ... | ୫ |
| ପିତଳ ଓ କଂସା କାମ | ... | ୭ |
| ଦର୍ଜି କାମ | ... | ୮ |
| ରଙ୍ଗ କାମ | ... | ୫ |
| ବିଜୁଳିତାର ଖଞ୍ଜା କାମ | ... | ୮ |
| | ମୋଟ | ୫୨ |

ଯୋଜନା ତାଲିମ କେନ୍ଦ୍ର, ଭଦ୍ରକ :—

| | | |
|---|---|---|
| ବଢ଼େଇ କାମ | ... | ୧୦ |
| କମାର କାମ | ... | ୧୦ |
| ଖଣ୍ଡାଖଣ୍ଡି କାମ | ... | ୧୦ |
| ଆଭ୍ୟନ୍ତରୀଣ ଜ୍ୱଳନ ଇଞ୍ଜିନ | | ୧୦ |
| କ୍ଷୁର କରିବା କାମ | ... | ୧୦ |
| ବିଦ୍ୟୁତ୍ ଓ ବିଜୁଳିତାର ଖଞ୍ଜା | | ୧୦ |
| | ମୋଟ | ୬୦ |

ଯୋଜନା ତାଲିମ କେନ୍ଦ୍ର, ବଲାଙ୍ଗୀର :—

| | | |
|---|---|---|
| ଦର୍ଜି କାମ | ... | ୧୦ |
| | ମୋଟ | ୧୦ |

ଯୋଜନା ତାଲିମ କେନ୍ଦ୍ର, ନୟାଗଡ଼ :—

| | | |
|---|---|---|
| ଖଣ୍ଡାଖଣ୍ଡି କାମ | ... | ୧୦ |
| ଆଭ୍ୟନ୍ତରୀଣ ଜ୍ୱଳନ ଇଞ୍ଜିନ୍ | | ୧୦ |
| କମାର କାମ | ... | ୧୦ |
| | ମୋଟ | ୩୦ |

ଯୋଜନା ତାଲିମ କେନ୍ଦ୍ର, ବଡ଼ଗାଁ :—

| | | |
|---|---|---|
| ଖଣ୍ଡାଖଣ୍ଡି କାମ | ... | ୧୦ |
| ଆଭ୍ୟନ୍ତରୀଣ ଜ୍ୱଳନ ଇଞ୍ଜିନ | | ୧୦ |
| | ମୋଟ | ୨୦ |

ସିଲେଇ କାମ ଓ ଜୋତା ତିଆରି ବ୍ୟତୀତ ଅନ୍ୟ ସବୁ ଧନ୍ଦାଶିକ୍ଷା ପାଇଁ ଏକ ତିନି ବର୍ଷିଆ ପାଠ୍ୟକ୍ରମ ରହିଛି । ସିଲେଇ କାମ ପାଇଁ ପାଠ୍ୟକାଳ ଏକ ବର୍ଷ ଓ ଜୋତା ତିଆରି ପାଠ୍ୟକାଳ ଦୁଇ ବର୍ଷ ରଖାଯାଇଛି । ନୟାଗଡ଼ ଯୋଜନା ତାଲିମ କେନ୍ଦ୍ରରେ ଶିକ୍ଷା ଦିଆଯାଉଥିବା ବିଭିନ୍ନ ପାଠ୍ୟକ୍ରମ ମଧ୍ୟରୁ ପ୍ରତ୍ୟେକଟି ଦେଢ଼ ବର୍ଷ ସ୍ଥିରେ ।

୧୯୬୧ ଜୁଲାଇଠାରୁ ନୟାଗଡ଼ ଓ ଅନୁଗୁଳରେ ଥିବା ଶିଳ୍ପ ବିଦ୍ୟାଳୟକୁ ନିମ୍ନ ବୈଷୟିକ ବିଦ୍ୟାଳୟରେ ପରିଣତ କରାଇବା ପାଇଁ ସିଦ୍ଧାନ୍ତ କରାଯାଇଛି । ସୋନପୁର, ଆଠମଲ୍ଲିକ, ନରସିଂହପୁର ଓ କୁଚିନ୍ଦାରେ ଥିବା ଶିଳ୍ପ ବିଦ୍ୟାଳୟମାନ ଆଦିବାସୀ ଓ ଗ୍ରାମାଞ୍ଚଳ ବିଭାଗଦ୍ୱାରା ପରିଚାଳିତ ହେବ ।

## ଆଧୁନିକ କରାଇବା ପରିକଳ୍ପନା

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା-କାଳରେ ବିଭିନ୍ନ ଶିଳ୍ପ ବିଶେଷତଃ କ୍ଷୁଦ୍ର ଓ କୁଟୀର-ଶିଳ୍ପ ଉପରେ ଯୋଜନା କମିଶନ ବିଶେଷ ଜୋର ଦେଇଛନ୍ତି । ରାଜ୍ୟରେ ପ୍ରତିଷ୍ଠିତ ହେଉଥିବା ବିଭିନ୍ନ ଶିଳ୍ପପାଇଁ ଉପଯୁକ୍ତ ତାଲିମପ୍ରାପ୍ତ ବୈଷୟିକ କର୍ମଚାରୀ ନିୟମିତ ଭାବେ ଯୋଗାଇ ପାରିବା ସକାଶେ ଶିଳ୍ପ ବିଦ୍ୟାଳୟ-ମାନଙ୍କରେ ଶିକ୍ଷାଦାନର ମାନଦଣ୍ଡ ବୃଦ୍ଧି କରିବା ଆବଶ୍ୟକ ବୋଧ ହୋଇଥିଲା । ଏହି ଲକ୍ଷ୍ୟରେ ଶିଳ୍ପ ବିଦ୍ୟାଳୟଗୁଡ଼ିକୁ ଆଧୁନିକ କରାଇବାର ଏକ ପରିକଳ୍ପନା ପ୍ରସ୍ତୁତ କରାଯାଇଥିଲା ଓ ୧୯୬୧ ଫେବୃଆରୀ ମାସଠାରୁ ଏହା କାର୍ଯ୍ୟକାରୀ କରାଯାଉଛି ।

ନିମ୍ନରେ ଏହି ପରିକଳ୍ପନାର ମୋଟାମୋଟି ରୂପରେଖ ଦିଆଗଲା :—

୧ । ବର୍ତ୍ତମାନ ରହିଥିବା ଅସୁବିଧାଗୁଡ଼ିକୁ ଦୂର କରିବା, ଅର୍ଥାତ୍—ବିଦ୍ୟାଳୟ ଓ ଛାତ୍ରାବାସ ପାଇଁ ଉପଯୁକ୍ତ କୋଠାଘରର ବ୍ୟବସ୍ଥା, ପୁରୁଣାକାଳିଆ ଯନ୍ତ୍ରପାତି ଉଠାଇ ଦେଇ ତା'ବଦଳରେ ଆଧୁନିକ ଯନ୍ତ୍ରପାତି ବସାଇବା ଏବଂ ଅନଭିଜ୍ଞ ଓ ସ୍ୱଳ୍ପଯୋଗ୍ୟତା-ବିଶିଷ୍ଟ କର୍ମଚାରୀଙ୍କ ସ୍ଥଳରେ ଉପଯୁକ୍ତ ଯୋଗ୍ୟତା-ସମ୍ପନ୍ନ ଓ ଅଭିଜ୍ଞ କର୍ମଚାରୀ ନିଯୁକ୍ତ କରିବା ।

୨ । ବିଦ୍ୟୁତ୍-ଚାଳିତ ଯନ୍ତ୍ରପାତି ଓ ଆଧୁନିକ କଳକବ୍ଜାର ପ୍ରବର୍ତ୍ତନ ।

୩ । ବଲାଙ୍ଗୀର, ବଡ଼ଗାଁ ଓ ନୟାଗଡ଼ରେ ଥିବା ଯୋଜନା ତାଲିମ କେନ୍ଦ୍ର ଏବଂ ଶିଳ୍ପ-ବିଦ୍ୟାଳୟ-ଗୁଡ଼ିକର ମିଶ୍ରଣ ଏବଂ ମିଳିତ ସ୍କୁଲଗୁଡ଼ିକୁ ସମ୍ମିଳିତ ଶିଳ୍ପ ବିଦ୍ୟାଳୟରେ ପରିଣତ କରାଇବା ।

ଏହି ଅନୁସାରେ ଫୁଲବାଣୀ, ବଲାଙ୍ଗୀର ଓ ବଡ଼ବାଁରେ ଥିବା ୩ଟି ସାକ ଶିଳ୍ପ ବିଦ୍ୟାଳୟ ଏବଂ ବଲାଙ୍ଗୀର, ବଡ଼ଗାଁ, ଭଦ୍ରଖ, ବେଲଗୁଣ୍ଠା ଓ ବରଗଡ଼ରେ ଥିବା ୫ଟି ଯୋଜନା-ତାଲିମ-କେନ୍ଦ୍ରକୁ ନିମ୍ନଲିଖିତ ମତେ, ସଂଶୋଧିତ ବ୍ୟବସାୟ ପରିକଳ୍ପନା ସହିତ, ୬ଟି ଆଧୁନିକ ଶିଳ୍ପ ବିଦ୍ୟାଳୟରେ ପରିଣତ କରାଯାଇଛି ।

| ଶିଳ୍ପ ବିଦ୍ୟାଳୟର ନାମ | | ବ୍ୟବସାୟ ଓ ପାଠ୍ୟକ୍ରମର ସ୍ଥାୟିତ୍ୱ | | ଛାତ୍ର ସଂଖ୍ୟା |
|---|---|---|---|---|
| ୧ । ବରଗଡ଼ | ... | ଲଘୁ ଯନ୍ତ୍ରବିଦ୍ୟା (ଇଞ୍ଜିନିୟରିଂ) ୩ ବର୍ଷ | ... | ୧୬ |
| | | ବିଦ୍ୟୁତ୍ ତାର ଖଞ୍ଜାଖଞ୍ଜି କାମ—୨ ବର୍ଷ | ... | ୧୬ |
| | | ମୋଟ | ... | ୩୨ |
| ୨ । ଫୁଲବାଣୀ | ... | କାଠ ଇଞ୍ଜିନିୟରିଂ—୩ ବର୍ଷ | | ୧୬ |
| | | ସିଲେଇ କାମ—୨ ବର୍ଷ | ... | ୧୬ |
| | | ମୋଟ | ... | ୩୨ |
| ୩ । ବେଲଗୁଣ୍ଠା | ... | କାଠ ଇଞ୍ଜିନିୟରିଂ—୩ ବର୍ଷ | ... | ୧୬ |
| | | ଲଘୁ ଇଞ୍ଜିନିୟରିଂ—୩ ବର୍ଷ | ... | ୧୬ |
| | | ମୋଟ | ... | ୩୨ |
| ୪ । ବଲାଙ୍ଗୀର | ... | ଚମଡ଼ା କାମ—୨ ବର୍ଷ | ... | ୧୬ |
| | | ସିଲେଇ କାମ—୨ ବର୍ଷ | ... | ୧୬ |
| | | ମୋଟ | ... | ୩୨ |
| ୫ । ଭଦ୍ରଖ | ... | ଲଘୁ ଇଞ୍ଜିନିୟରିଂ—୩ ବର୍ଷ | ... | ୧୬ |
| | | ବିଦ୍ୟୁତ୍ ତାର ଖଞ୍ଜିକା—୨ ବର୍ଷ | ... | ୧୬ |
| | | ମୋଟ | ... | ୩୨ |
| ୬ । ବଡ଼ଗାଁ | ... | ଲଘୁ ଇଞ୍ଜିନିୟରିଂ—୩ ବର୍ଷ | ... | ୧୬ |
| | | କାଠ ଇଞ୍ଜିନିୟରିଂ—୩ ବର୍ଷ | ... | ୧୬ |
| | | ମୋଟ | ... | ୩୨ |

## ନାମ ଲେଖାଇବା ପାଇଁ ଯୋଗ୍ୟତା

ନାମ ଲେଖାଇବା ପାଇଁ ନ୍ୟୂନତମ ଯୋଗ୍ୟତା ମାଇନର ପାସ । ଶିକ୍ଷାର୍ଥୀଙ୍କ ବୟସ ୧୪ରୁ ୧୮ ମଧ୍ୟରେ ହୋଇଥିବା ଆବଶ୍ୟକ । ଉପଯୁକ୍ତ କ୍ଷେତ୍ରରେ ଏହି କଟକଣା କୋହଳ କରାଯାଇପାରେ । କାରିଗର ଶ୍ରେଣୀର ଶିକ୍ଷାର୍ଥୀ ଓ ପଠନୀୟ ଶିଳ୍ପ ବିଷୟରେ କିଛି ପୂର୍ବ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ପ୍ରଥମ ସୁବିଧା ଦିଆଯିବ । ବିଦ୍ୟୁତ-ତାର ସମ୍ପର୍କୀୟ ବିଷୟରେ

ତାଲିମ ପାଇବାକୁ ଇଚ୍ଛୁକ ପ୍ରାର୍ଥୀମାନଙ୍କ ନ୍ୟୂନତମ ଯୋଗ୍ୟତା ମାଟ୍ରିକୁଲେସନରୁ ଦୁଇ ଶ୍ରେଣୀ (ମାନ) କମ ପର୍ଯ୍ୟନ୍ତ ହେବା ବାଞ୍ଛନୀୟ ।

ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ବିନା ଖର୍ଚ୍ଚରେ ତାଲିମ, ମାସିକ ଟ୨୦୦ ବୃତ୍ତି, ବର୍ଷକୁ ୨ ସେଟ କାରଖାନା ପୋଷାକ ଏବଂ ଖେଳ ଓ ଚଳଣୀ ପାଇଁ ବିନା ମୂଲ୍ୟରେ ସୁବିଧା ଦିଆଯାଇଥାଏ । ଏହାଛଡ଼ା ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଜଣଙ୍କୁ ବିନା ଖର୍ଚ୍ଚରେ ଛାତ୍ରାବାସରେ ରହିବାର ସୁବିଧା ଦିଆଯାଏ ( ଯଦି ଏବଂ ଯେଉଁଠାରେ ଏ ଭଳି ରହିବାର ସୁବିଧା ଅଛି) ।

ନାମ ଲେଖାଇବା ସମୟରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଟ୫୦୦ ସାବଧାନ ଅମାନତ (କସନ ମନି) ଜମା ରଖିବାକୁ ପଡ଼େ ।

**ଚୁକ୍ତିନାମା**

ବୈଷୟିକ ତାଲିମ ଏକ ବ୍ୟୟସାଧ୍ୟ ବିଷୟ । ଏଣୁ ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ତାଲିମ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରନ୍ତି ଏଥିପାଇଁ ନିଶ୍ଚିତ ବ୍ୟବସ୍ଥା କରିବାକୁ ପଡ଼ିବ । ଏହି ଉଦ୍ଦେଶ୍ୟରେ ନିର୍ଦ୍ଧାରଣ କରାଯାଇଛି ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ଅନୁଷ୍ଠାନର ନିୟମ ଶୃଙ୍ଖଳା ମାନି ଚଳିବେ, ସେମାନଙ୍କ ଦାୟିତ୍ୱରେ ଦିଆଯାଇଥିବା ଯନ୍ତ୍ରପାତି ଓ ଉପକରଣର ଯତ୍ନ ନେବେ ଏବଂ ତାଲିମ ଶେଷ ହେବା ପୂର୍ବରୁ ପଢ଼ା ବନ୍ଦ କରିବେ ନାହିଁ—ଏହି ମର୍ମରେ ଏକ ଚୁକ୍ତିପତ୍ର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଲେଖି ଦେବାକୁ ପଡ଼ିବ ।

**ପାଠ୍ୟ ବର୍ଷ**

ଜୁଲାଇ ପରିବର୍ତ୍ତେ ଜାନୁଆରୀ ମାସଠାରୁ ବିଦ୍ୟାଳୟର ପାଠ୍ୟ ବର୍ଷ ଆରମ୍ଭ ହେବ । ପ୍ରାର୍ଥୀମାନଙ୍କୁ ନିର୍ଦ୍ଦେଶ ଦେବାପାଇଁ ସମ୍ବାଦପତ୍ରରେ ଯେଉଁ ସମୟରେ ଓ ଯେଉଁ ପ୍ରଣାଳୀରେ ଦରଖାସ୍ତ ଦେବାକୁ ହେବ ବୋଲି ବିଜ୍ଞାପନ ଦିଆଯାଉଛି, ସେହି ସମୟରେ ଓ ସେହି ପ୍ରଣାଳୀରେ ସାଦା କାଗଜରେ ସମ୍ପୃକ୍ତ ଶିଳ୍ପ ବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ନାମ ଲେଖାଇବା ପାଇଁ ଦରଖାସ୍ତ ଦେବାକୁ ହେବ ।

---

( ୨ ପୃଷ୍ଠାର ଅବଶିଷ୍ଟାଂଶ )

"ଭାରତକୁ ବୃହତ୍ ଓ ଉନ୍ନତ କରି ଗଢ଼ିବାରେ ଓଡ଼ିଶା ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରିବ । ସେହି ଆକାଙ୍‌କ୍ଷିତ ଲକ୍ଷ୍ୟ ହାସଲ ପାଇଁ ବର୍ତ୍ତମାନର ଅନିଶ୍ଚିତ ଅବସ୍ଥାକୁ ଦୂର କରିବାକୁ ଆମେ ପ୍ରତିଜ୍ଞାବଦ୍ଧ ହୋଇଛୁ । ସେହି ଲକ୍ଷ୍ୟସାଧନ ଦିଗରେ ଆମେ ଆମର ମିଳିତ ଶକ୍ତିକୁ ସମ୍ପୂର୍ଣ୍ଣ ଭାବରେ ଖଟାଇବାକୁ ଏବଂ ଏହି ଉଦ୍ୟମରେ ଜନସାଧାରଣ ତଥା ସମ୍ବାଦପତ୍ର ମାନଙ୍କର ହାର୍ଦ୍ଦିକ ସାହାଯ୍ୟ ଓ ସହଯୋଗ ପାଇବାକୁ ଆନ୍ତରିକ କାମନା ଜଣାଉଛୁ । ଏହି ପଦକ୍ଷେପ ଯେ ସତ୍‌ସାହସ-ପ୍ରଣୋଦିତ ଏବଂ ବିଜ୍ଞୋଚିତ କାର୍ଯ୍ୟ, ଏ କଥା କେବଳ ଭବିଷ୍ୟତ ହିଁ ପ୍ରମାଣିତ କରିବ ।"

# ଓଡ଼ିଶାରେ ଶିଳ୍ପ-କାରିଗର ତାଲିମ

ଦ୍ୱିତୀୟ ଯୋଜନା ପୂର୍ବରୁ ଓଡ଼ିଶାରେ ୨ଟି ମାତ୍ର ଶିଳ୍ପ କାରିଗର ତାଲିମ କେନ୍ଦ୍ର ଥିଲା; ଯଥା—(୧) ଓଡ଼ିଶା ଇଞ୍ଜିନିୟରିଂ ସ୍କୁଲ ସଲଗ୍ନ ଉପଶିକ୍ଷା କେନ୍ଦ୍ର ଓ (୨) କଟକ ପୁଅର୍ ଇଣ୍ଡଷ୍ଟ୍ରି କଟେଜ୍ ସଲଗ୍ନ ଶିଳ୍ପ ତାଲିମ କେନ୍ଦ୍ର । ପ୍ରଥମ କେନ୍ଦ୍ରରେ ଥିଲେ ୨୮୪ ଓ ୨ୟ କେନ୍ଦ୍ରରେ ୩୮ ଜଣ ଶିକ୍ଷାର୍ଥୀ ଗ୍ରହଣ କରିବାର ବ୍ୟବସ୍ଥା ଥିଲା ।

୨ୟ ଯୋଜନା-କାଳ ମଧ୍ୟରେ ନିମ୍ନଲିଖିତ ନୂତନ ଅନୁଷ୍ଠାନମାନ ବସାଯାଇଛି:—

(୧) ଶିଳ୍ପ ତାଲିମ ଅନୁଷ୍ଠାନ, ରାଉରକେଲା
(୨) ,, ,, ,, ବ୍ରହ୍ମପୁର
(୩) ,, ,, ,, ହୀରାକୁଦ
(୪) ,, ,, ,, ବାଲେଶ୍ୱର
(୫) ,, ,, ,, ଛତ୍ରପୁର

ଏଥିମଧ୍ୟରୁ ୧ ଓ ୨ ନମ୍ବର ଅନୁଷ୍ଠାନରେ ପ୍ରତ୍ୟେକରେ ୨୦୦ଟି ସ୍ଥାନ, ୩ ନମ୍ବର ଅନୁଷ୍ଠାନରେ ୨୦୮ଟି ସ୍ଥାନ ଏବଂ ୪ ଓ ୫ ନମ୍ବର ଅନୁଷ୍ଠାନରେ ଯଥାକ୍ରମେ ୯୬ ଓ ୫୬ଟି ସ୍ଥାନର ବ୍ୟବସ୍ଥା ରଖାଯାଇଛି । ତୃତୀୟ ଯୋଜନାକାଳ ଶେଷ ସୁଦ୍ଧା ଓଡ଼ିଶାରେ ୧୧୩୨ ଧନ୍ଦା ଶିକ୍ଷାର୍ଥୀଙ୍କ ତାଲିମ ପାଇଁ ବ୍ୟବସ୍ଥା କରାଯାଇ ପାରିଥିବ ।

## ମୋବାଇଲ୍ ଓ ଡ଼ିଜେଲ ତାଲିମ୍ ଅନୁଷ୍ଠାନ

ଉପରୋକ୍ତ ଅନୁଷ୍ଠାନମାନଙ୍କ ଛଡ଼ା କଟକରେ ବର୍ଷକୁ ୨୦ ଜଣ ଶିକ୍ଷାର୍ଥୀ ନିଆଯାଇ ପାରିବା ଭଳି ଗୋଟିଏ ଅଟୋମୋବାଇଲ ଓ ଡିଜେଲ୍ ତାଲିମ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି । ମାଟ୍ରିକ୍ୟୁଲେସନ୍ ପାସ୍ କରିଥିବା ଓ ୧୬ ରୁ ୨୦ ବର୍ଷ ବୟସର ଶିକ୍ଷାର୍ଥୀମାନଙ୍କୁ ଅଟୋମୋବାଇଲ ଓ ଡିଜେଲ ମେକାନିକ୍ ଭାବେ ତାଲିମ ଦିଆଯାଏ । ଏଠିକାର ପାଠ୍ୟକ୍ରମ ଦେଢ଼ବର୍ଷ ଖୁଲ୍ ରହେ । ଏକ ତୃତୀୟାଂଶ ଶିକ୍ଷାର୍ଥୀ ତାଲିମ କାଳ ମଧ୍ୟରେ ମାସକୁ ୨୫ ଟଙ୍କା ହିସାବରେ ବୃତ୍ତି ପାଆନ୍ତି । ଶିକ୍ଷାର୍ଥୀମାନଙ୍କଠାରୁ କୌଣସି ପ୍ରକାର ଦରମା ଓ ଫିସ୍ ନିଆଯାଏ ନାହିଁ ।



# ଧାନ ଫସଲର ଅନିଷ୍ଟକାରୀ କୀଟମାନଙ୍କୁ ଦମନ କରନ୍ତୁ

ଧାନ ଫସଲ୍ ଅନେକ ପ୍ରକାର ପୋକମାନଙ୍କ ଦ୍ୱାରା ଆକ୍ରାନ୍ତ ହୁଏ । ଯଥା — କାଣ୍ଡବିନ୍ଧା ପୋକ, ଶଗଡ଼ା ପୋକ, ହିଣ୍ଡିକା, ଗନ୍ଧପୋକ ଓ ହଳଦଗୁଣ୍ଡି ପୋକ ।

"ଏନ୍‌ଡ୍ରେକ୍ସ ୨୦ ଇ. ସି." ପ୍ରୟୋଗ କରି ଧାନ ଫସଲକୁ ରକ୍ଷା କରନ୍ତୁ । ଧାନ ଫସଲକୁ ନଷ୍ଟ କରୁଥିବା ନାନା ପ୍ରକାର ପୋକମାନଙ୍କୁ ଦମନ କରିବା ପାଇଁ ଏହା ଏକ ଅବ୍ୟର୍ଥ କୀଟନାଶକ ଔଷଧ । ପୋକମାନଙ୍କୁ ଭଲଭାବରେ ଦମନ କରିବା ପାଇଁ ଏକର ପ୍ରତି ଅଧସେର (ବାଲେଶ୍ୱରୀ) ଓଜନର "ଏନ୍‌ଡ୍ରେକ୍ସ ୨୦ ଇ. ସି." କୁ ପାଣିରେ ଗୋଳାଇ ଛିଞ୍ଚନ୍ତୁ ।

"ଏନ୍‌ଡ୍ରେକ୍ସ ୨୦ ଇ. ସି." ଛିଞ୍ଚିବା ଦ୍ୱାରା ଫସଲ୍ ଆମଦାନୀ ଶତକଡ଼ା ୫୦ ଭାଗ ପର୍ଯ୍ୟନ୍ତ ବଢ଼ିଯାଏ ।

"ଏନ୍‌ଡ୍ରେକ୍ସ ୨୦ ଇ. ସି." ବ୍ୟବହାର କରିବା ଦ୍ୱାରା ଉନ୍ନତ ଧରଣର ପୁରା ଫସଲ୍ ଆମଦାନୀ କରି ଅଧିକ ଲାଭବାନ୍ ହୁଅନ୍ତୁ ।

# ଏନ୍‌ଡ୍ରେକ୍ସ ୨୦ ଇ. ସି.

କୃଷି କାର୍ଯ୍ୟରେ ବ୍ୟବହୃତ କୀଟନାଶକ ଔଷଧ ପାଇଁ

**ବର୍ମା-ଶେଲର ସାହାଯ୍ୟ ନିଅନ୍ତୁ**



# ଜାତୀୟ ଶିକ୍ଷାନବିସ ତାଲିମ ପରିକଳ୍ପନା

**ସମସ୍ତ** ଶିଳ୍ପୋନ୍ନତ ଦେଶରେ ଦକ୍ଷ ଶ୍ରମିକମାନଙ୍କୁ ଶିକ୍ଷାନବିସ ବା ଆପ୍ରେଣ୍ଟିସ ଭାବରେ ତାଲିମ ଦିଆଯାଏ । ଭାରତରେ ରେଲବାଇ ଯନ୍ତ୍ରପାତି କାରଖାନା ଓ କେତେକ ରାଷ୍ଟ୍ରୀୟ ପ୍ରତିଷ୍ଠାନ ତଥା ବେସରକାରୀ ଶିଳ୍ପ ସଂସ୍ଥାମାନ ଶିକ୍ଷାନବିସ ତାଲିମ ପରିକଳ୍ପନାମାନ ସଂଗଠନ କରିଛନ୍ତି । ବର୍ତ୍ତମାନ ଦ୍ୱିତୀୟ ଯୋଜନା କାଳ ମଧ୍ୟରେ ଜାତୀୟ ଭିତ୍ତିରେ ଏହି ପ୍ରକାର ତାଲିମର ସଂଗଠନ ପାଇଁ ପ୍ରସ୍ତାବ କରାଯାଇଛି ।

ସାଧାରଣତଃ ତାଲିମ ଓ କାର୍ଯ୍ୟ କ୍ଷେତ୍ରର ଅଭିଜ୍ଞତା ଜରିଆରେ ବାସ୍ତବରୂପେ ଶିକ୍ଷା କରାଯାଉଥିବା ବ୍ୟବସାୟମାନଙ୍କରେ ଲୋକମାନଙ୍କୁ ଦକ୍ଷ କାରିଗର କରାଇବା ଉଦ୍ଦେଶ୍ୟରେ ସେମାନଙ୍କୁ ତାଲିମ ଦେବା ଏହି ପରିକଳ୍ପନାର ଲକ୍ଷ୍ୟ ।

ଦ୍ୱିତୀୟ ଯୋଜନାକାଳ ମଧ୍ୟରେ ୫୦୦୦ ଶିକ୍ଷାନବିସ ବା ଆପ୍ରେଣ୍ଟିସ୍‌ଙ୍କ ତାଲିମର ବ୍ୟବସ୍ଥା କରାଯାଇଛି । ଏହି ପରିକଳ୍ପନାକୁ ସମଗ୍ର ଜାତି ମଧ୍ୟରେ ବ୍ୟାପକ ଭାବେ ଆରମ୍ଭ କରାଯିବା ପୂର୍ବରୁ ଏହାକୁ କଲିକତା, ବମ୍ବେ ଓ ଗ୍ୱାଲିଅର ପରି କେତେକ ବଡ଼ ବଡ଼ ସ୍ଥାନରେ ଆରମ୍ଭ କରିବାର ପ୍ରସ୍ତାବ କରାଯାଇଛି । ଆରମ୍ଭରୁ ନିମ୍ନଲିଖିତ ବ୍ୟବସାୟରେ ଶିକ୍ଷାନବିସ ତାଲିମ ଦିଆଯିବ:—

(୧) କମାର କାମ (୨) ବଢ଼େଇ କାମ (ନକ୍‌ସା (ପାଟର୍ଣ୍ଣ) ତିଆରି ସମେତ) (୩) ବିଦ୍ୟୁତ (୪) ଫିଟର କାମ (୫) ଛାଞ୍ଚ ପକାଇବା (୬) ଧାତୁ ଚଦର କାମ ଓ ଟିଣମିସ୍ତ୍ରୀ କାମ, (୭) ଯନ୍ତ୍ରପାତି ତିଆରି (୮) ଝାଳେଇ କାମ ।

ବୃତ୍ତିଗତ ବ୍ୟବସାୟରେ ତାଲିମ ପାଇଁ ଜାତୀୟ ପରିଷଦ ଏଥିର ମାନ ଓ ମାନଦଣ୍ଡ ସ୍ଥିର କରିଦେବେ ଏବଂ ସାରା ଦେଶରେ ଯେପରି ଏକାଭଳି କାର୍ଯ୍ୟକ୍ରମ ଚାଲୁରହିବ ତାହା ଦେଖିବେ । ଯଦି ଆବଶ୍ୟକ ହୁଏ, ଉକ୍ତ କାର୍ଯ୍ୟରେ ଏହି ପରିଷଦର ସହାୟତା କରିବା ପାଇଁ ଗୋଟିଏ ସବ୍-କମିଟି ଗଢ଼ାଯିବ । ପରିଷଦର ମାନ କାର୍ଯ୍ୟକାରୀ କରାଇବାର ଦାୟିତ୍ୱ ଶ୍ରମ ମନ୍ତ୍ରାଳୟର ତାଲିମ ବିଭାଗର ଡିରେକ୍ଟରଙ୍କ ଉପରେ ନ୍ୟସ୍ତ ରହିବ ।

ପ୍ରତ୍ୟେକ ରାଜ୍ୟରେ ଏହି ତାଲିମର ଅଭିବୃଦ୍ଧି ଓ ବିକାଶ ନିମିତ୍ତ ଗୋଟିଏ ଶିକ୍ଷାନବିସ କମିଟୀ ଗଢ଼ାଯିବ । ଏହି କମିଟୀରେ ଶ୍ରମିକ ଓ ମାଲିକଙ୍କ ତରଫରୁ ପ୍ରତିନିଧି, ଶିଳ୍ପ ବିଦ୍ୟାଳୟ ଓ ବିଧାନସଭା ତରଫରୁ ପ୍ରତିନିଧି ଏବଂ ବୈଷୟିକ ଅଫିସର ଓ ବୈଷୟିକ ଶିକ୍ଷା-ଡିରେକ୍ଟର ସଭ୍ୟ ରହିବେ । ଏହି କମିଟୀଙ୍କ ଅଧୀନରେ ଜଣେ ପରାମର୍ଶଦାତା ରହିବେ ।

ତାହାଛଡ଼ା, ଯେଉଁଠାରେ ବହୁସଂଖ୍ୟାରେ ଶିକ୍ଷାନବିସ ତାଲିମ ପାଆନ୍ତି ସେଠାରେ ସ୍ଥାନୀୟ ଶିକ୍ଷାନବିସ କମିଟୀମାନ ଗଢ଼ାଯାଇପାରେ । ଆଉ ମଧ୍ୟ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିଙ୍କ ଜରିଆରେ ଏକ ସାଧାରଣ ଶିକ୍ଷାନବିସ ସେବାନୁଷ୍ଠାନ ଗଢ଼ିବାର ପ୍ରସ୍ତାବ ରହିଛି । ଯଦି ଦରକାର ପଡ଼େ, ତାଲିମ ଦିଆଯାଉଥିବା ଶିଳ୍ପ ପ୍ରତିଷ୍ଠାନର ବୈଷୟିକ କର୍ମଚାରୀଙ୍କୁ ସାମୟିକ ନିଯୁକ୍ତ କରାଯିବ ।

ତାଲିମ ସମ୍ପୂର୍ଣ୍ଣ ହେବାପରେ ପ୍ରତ୍ୟେକ ତାଲିମ-ପ୍ରାର୍ଥୀ ଶିକ୍ଷାନବିସଙ୍କୁ ଏକ ବ୍ୟବସାୟ-ପରୀକ୍ଷା ଦେବାକୁ ପଡ଼ିବ ଏବଂ କୃତକାର୍ଯ୍ୟ ହୋଇଥିବା ଶିକ୍ଷାର୍ଥୀମାନଙ୍କୁ ଦକ୍ଷତା-ସୂଚକ ପ୍ରମାଣପତ୍ର ଦିଆଯିବ ।

ଏହି ପରିକଳ୍ପନା କାର୍ଯ୍ୟକାରୀ କରିବାରେ ଯାହା ଖର୍ଚ୍ଚ ହେବ ସେଥିରୁ ଶତକଡ଼ା ୬୦ ଭାଗ କେନ୍ଦ୍ର ସରକାର ବହନ କରିବେ ଓ ଅବଶିଷ୍ଟ ୪୦ ଭାଗ ରାଜ୍ୟ ସରକାର ବହନ କରିବେ । ଏହି ପରିକଳ୍ପନା ଅନୁଯାୟୀ ଓଡ଼ିଶାରୁ ୧୯୫୭-୫୮, ୧୯୫୮-୫୯, ୧୯୫୯-୬୦ ଓ ୧୯୬୦-୬୧ରେ ଯଥାକ୍ରମେ ୧୦, ୫୦, ୧୦୦ ଓ ୧୦୦ ଶିକ୍ଷାନବିସ ତାଲିମ ପାଇବା ଆବଶ୍ୟକ । ଏହି ପରିକଳ୍ପନା ଅନୁସାରେ ପ୍ରଥମରୁ ଚୌଦ୍ୱାର ଲୁଗାକଳ, ହୀରାକୁଦ ବନ୍ଧ ଯୋଜନା ଓ ବ୍ରଜରାଜନଗରସ୍ଥ ଓରିଏଣ୍ଟ କାଗଜ କଳରେ ୫୦ ଜଣ ଶିକ୍ଷାନବିସ ତାଲିମ କରିବାପାଇଁ ଓଡ଼ିଶା ସରକାର ସ୍ଥିର କରିଛନ୍ତି ।

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ( ଲୋକସଂପର୍କ ) ବିଭାଗର ଅଭିନବ ଇଂରାଜୀ ପ୍ରକାଶନ

## VISIT ORISSA

ପ୍ରତିବର୍ଷ ଓଡ଼ିଶାର କୀର୍ତ୍ତି-ସମ୍ଭାର, ଶିଳ୍ପ-ସମୃଦ୍ଧ ଓ ପ୍ରାକୃତିକ ଦୃଶ୍ୟ-ବୈଭବ ଦେଖିବାକୁ ଯେଉଁ ପର୍ଯ୍ୟଟକମାନେ ସହସ୍ର ସହସ୍ର ସଂଖ୍ୟାରେ ଆସୁଛନ୍ତି, ସେମାନଙ୍କ ହାତରେ ଏ ବହିରୁ ଖଣ୍ଡେ ଖଣ୍ଡେ ରହିଲେ ସେମାନେ ଓଡ଼ିଶା ବିଷୟରେ ଯାବତୀୟ ପ୍ରୟୋଜନୀୟ ତଥ୍ୟ ଏଥିରୁ ଅବଗତ ହେବେ ଓ ଏଥିରେ ସନ୍ନିବେଶିତ ଚିତ୍ରାବଳୀରୁ ଦର୍ଶନୀୟ ସ୍ଥାନ ଓ ସାମଗ୍ରୀମାନଙ୍କ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ଓଡ଼ିଶାରେ ମଧ୍ୟ ସାଧାରଣ ପାଠକପାଠିକାଙ୍କ ଜ୍ଞାନବର୍ଦ୍ଧନ ଓ ମନୋରଞ୍ଜନ ନିମନ୍ତେ ଏଥିରେ ଅନ୍ୟତ୍ର-ଅପ୍ରାପ୍ୟ ବହୁତ ବିଷୟ ରହିଅଛି ।

ମୂଲ୍ୟ—ପ୍ରତିଖଣ୍ଡ ଟ୫୧ ମାତ୍ର ( ରେଜିଷ୍ଟ୍ରି ଡାକରେ ନେଲେ ମାସୁଲ ଅଧିକା ପଡ଼ିବ )

ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ—

( ୧ ) ସ୍ୱରାଷ୍ଟ୍ର ( ଲୋକସମ୍ପର୍କ ) ବିଭାଗ ଅଫିସ
ପୋ: ଅ: ନୟାପଲ୍ଲୀ/କାପିଟାଲ, ଭୁବନେଶ୍ୱର
( ପୁରୀ ), ଓଡ଼ିଶା

( ୨ ) ଆପଣଙ୍କ ଜିଲାର ଲୋକସମ୍ପର୍କ ଅଫିସ



କଟକଠାରେ ଅବସ୍ଥିତ ଇଂଜିନିଅରିଙ୍ଗ ସ୍କୁଲ୍ ନିକଟସ୍ଥ ନବନିର୍ମିତ ହଷ୍ଟେଲ୍ । ଏଥିରେ ୩୬୦ ଜଣ ଛାତ୍ର ରହିପାରିବେ



ଇଂଜିନିଅରିଙ୍ଗ ସ୍କୁଲ ଗୃହ



ପୁରୀଜିଲ୍ଲା ଅନ୍ତର୍ଗତ ବେଗୁନିଆ ଥାନାର ସିକୋ ଗ୍ରାମରେ ସରପୋଡ଼ି ଯୋଗୁଁ ଗୃହହୀନ ଗ୍ରାମବାସୀମାନଙ୍କୁ
ରାଜ୍ୟପାଳ ଦୁଇ ହଜାର ଟଙ୍କା ଓ ୭୦୦ ଖଣ୍ଡ ଶାଢ଼ୀ ସାହାଯ୍ୟ ଦେଉଛନ୍ତି



ଭୟାବହ ଅଗ୍ନିକାଣ୍ଡରେ ଭସ୍ମସାତ ହୋଇଥିବା ପୁରୀଜିଲ୍ଲା ବେଗୁନିଆ ଥାନାର ସିକୋ ଗ୍ରାମର କରୁଣ ଦୃଶ୍ୟ

# ଓଡ଼ିଶାରେ ଇଞ୍ଜିନିୟରିଂ ସ୍କୁଲ

ଦ୍ୱିତୀୟ ଯୋଜନାକାଳରେ ଇଞ୍ଜିନିୟରିଂରେ ୨୯୧୩ ଜଣ ଡିପ୍ଲୋମାଧାରୀ ଆବଶ୍ୟକ ହେବେ ବୋଲି ଭାରତୀୟ ଲୋକବଳ କମିଟି ନିରୂପଣ କରିଛନ୍ତି । ଦ୍ୱିତୀୟ ଯୋଜନା ପୂର୍ବରୁ କଟକଠାରେ ଗୋଟିଏ ମାତ୍ର ଇଂଜିନିୟରିଂ ସ୍କୁଲ ଥିଲା । ଦ୍ୱିତୀୟ ଯୋଜନା-କାଳ ମଧ୍ୟରେ ଏପରି ତିନୋଟି ସ୍କୁଲ ଝାରସୁଗୁଡ଼ା, ଭଦ୍ରଖ ଓ ବ୍ରହ୍ମପୁରଠାରେ ସ୍ଥାପନ କରାଯାଇଛି ।

ଏହି ଚାରୋଟି ଇଞ୍ଜିନିୟରିଂ ସ୍କୁଲ ମଧ୍ୟରୁ ପ୍ରତ୍ୟେକର ଛାତ୍ରସଂଖ୍ୟା ୧୮୦ ପର୍ଯ୍ୟନ୍ତ ବଢ଼ିଯାଇଛି । ସାଧାରଣଭାବେ ମଞ୍ଜୁରପ୍ରାପ୍ତ ଛାତ୍ର-ସଂଖ୍ୟା ବ୍ୟତୀତ ବ୍ରହ୍ମପୁର, ଝାରସୁଗୁଡ଼ା ଓ କଟକଠାରେ ଥିବା ୩ଟି ସ୍କୁଲ ଅଧିକା ଶତକଡ଼ା ୧୦ ଭାଗ ଛାତ୍ର ଗ୍ରହଣ କରି ପାରିବେ ।

ନିମ୍ନରେ, ଏହି ସ୍କୁଲ ଗୁଡ଼ିକରେ ବିଭିନ୍ନ ଧନ୍ଦା ସମ୍ବନ୍ଧରେ ଦିଆଯାଉଥିବା ଶିକ୍ଷାର ବିବରଣ ଓ ତତ୍‌ସଂପୃକ୍ତ ଅନ୍ୟାନ୍ୟ ତଥ୍ୟ ଦିଆଗଲା :— ୧୮ ପୃଷ୍ଠାର ବିବରଣ ଦେଖନ୍ତୁ । ) *

ଏହି ସ୍କୁଲଗୁଡ଼ିକ ଛାତ୍ରମାନଙ୍କୁ ସିଭିଲ, ମେକାନିକାଲ ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଲାଇସେନ୍‌ସ ପାଇବା ଦିଗରେ ପ୍ରସ୍ତୁତ କରାଇବେ । ପାଠ୍ୟକ୍ରମ ୩ ବର୍ଷ ଥିଓରିଟିକାଲ ଓ ବର୍ଷେ ପ୍ରାକ୍ଟିକାଲ ତାଲିମରେ ସୀମାବଦ୍ଧ ରହିବ ।

ଇଞ୍ଜିନିୟରିଂ ସ୍କୁଲରେ ନାମ ଲେଖାଇବା ନିମନ୍ତେ ସର୍ବନିମ୍ନ ଯୋଗ୍ୟତା ହେଉଛି ମାଟ୍ରିକ୍ୟୁଲେଶନ ବା ତତ୍ତୁଲ୍ୟ କୌଣସି ପରୀକ୍ଷାରେ ପାଶ୍ । ଥିଓରିଟିକାଲ ବିଷୟରେ ପ୍ରତି ବର୍ଷ ଏପ୍ରିଲ ମେ ମାସ ମଧ୍ୟରେ ପ୍ରତ୍ୟେକ ବର୍ଷର ଛାତ୍ରମାନଙ୍କ ପାଇଁ ଇଞ୍ଜିନିୟରିଂରେ ଲାଇସେନ୍‌ସ ଥିବା ଡିପ୍ଲୋମା ନିମନ୍ତେ (୧) ପ୍ରାରମ୍ଭିକ, (୨) ମଧ୍ୟବର୍ତ୍ତୀ ଓ (୩) ଶେଷ ପରୀକ୍ଷା ରୂପେ ଗୋଟିଏ ଲେଖାଏଁ ବାର୍ଷିକ ପରୀକ୍ଷା ହୋଇଥାଏ ।

ଉପର୍ଯ୍ୟୁକ୍ତ ବାଷିକ ପରୀକ୍ଷାଗୁଡ଼ିକ ବ୍ୟତୀତ, ଯେଉଁ ପ୍ରାର୍ଥୀମାନେ ବାର୍ଷିକ-ପରୀକ୍ଷାରେ କୃତକାର୍ଯ୍ୟ ହେବାରେ ଅସମର୍ଥ ହୋଇଥିବେ, ସେମାନଙ୍କର ସୁବିଧା ପାଇଁ ପ୍ରତ୍ୟେକ ବର୍ଷ ଜୁଲାଇ ଅଗଷ୍ଟ ମାସ ମଧ୍ୟରେ ସମସ୍ତ ଶାଖାରେ ସପ୍ଲିମେଣ୍ଟାରୀ ପରୀକ୍ଷା ମଧ୍ୟ ହୋଇଥାଏ ।

ବାର୍ଷିକ ପରୀକ୍ଷା ପାଇଁ ଉଦ୍ଦିଷ୍ଟ ବିଷୟ ସମଷ୍ଟି ନିମ୍ନରେ ପ୍ରଦତ୍ତ ହେଲା :—

## ପ୍ରାକ୍‌ଟିକାଲ ଟ୍ରେନିଂ

୩ ବର୍ଷ ମଧ୍ୟରେ ଥିଓରିଟିକାଲ ପାଠ୍ୟକ୍ରମ ସଫଳତା ସହକାରେ ସମାପନ କରି ସାରିବା ପରେ ଛାତ୍ରମାନେ ରାଜ୍ୟ ସରକାରଙ୍କ ପୂର୍ତ୍ତବିଭାଗ ଓ ବେସରକାରୀ ଏବଂ ରେଲବାଇ ଇଞ୍ଜିନିୟରିଂ ଅନୁଷ୍ଠାନ ଗୁଡ଼ିକର ଅଧୀନରେ ଗୋଟିଏ ବର୍ଷ ପ୍ରାକ୍ଟିକାଲ ଟ୍ରେନିଂ ପାଆନ୍ତି ।

ସଫଳତା ସହକାରେ ପ୍ରାକ୍ଟିକାଲ ବା କାର୍ଯ୍ୟ-କ୍ଷେତ୍ରରେ ଟ୍ରେନିଂ ସମାପ୍ତ କରିବା ପରେ ଛାତ୍ରମାନଙ୍କୁ ଇଞ୍ଜିନିୟରିଂରେ ଲାଇସେନ୍‌ସିଏଟ୍ ଡିପ୍ଲୋମା ପ୍ରଦାନ କରାଯାଏ ।

ପ୍ରାକ୍ଟିକାଲ ବା କାର୍ଯ୍ୟକ୍ଷେତ୍ରରେ ଟ୍ରେନିଂ ପାଉଥିବା କାଳରେ ଗୋଟିଏ ବର୍ଷ ପାଇଁ ପ୍ରତ୍ୟେକ ଛାତ୍ର ମାସିକ ଟ ୫୦୯ ହିସାବରେ ଗୋଟିଏ ଲେଖାଏଁ ବୃତ୍ତି ପାଆନ୍ତି । ଛାତ୍ରମାନେ ପ୍ରାକ୍ଟିକାଲ ଟ୍ରେନିଂ ସହିତ ସଂପୃକ୍ତ ଯେଉଁ

ଭ୍ରମଣାଦି କରନ୍ତି, ସେଥିପାଇଁ ସେମାନଙ୍କୁ ଟଙ୍କାଭତ୍ତା ମଧ୍ୟ ମିଳେ ।

## ଇଞ୍ଜିନିୟରିଂ ଶିକ୍ଷା ପରିଷଦ (ବୋର୍ଡ଼)

ଓଡ଼ିଶାରେ ଥିବା ଇଞ୍ଜିନିୟରିଂ ସ୍କୁଲଗୁଡ଼ିକର ପାଠ୍ୟ-ନିୟମଗୁଡ଼ିକ ନିର୍ଦ୍ଧାରଣ କରିବା ନିମନ୍ତେ "ବୋର୍ଡ଼ ଅଫ୍ ଇଞ୍ଜିନିୟରିଂ ଏଡ଼ୁକେଶନ ଇନ୍ ଓଡ଼ିଶା" ନାମକ ଗୋଟିଏ ପରିଷଦ ଗଠନ କରାଯାଇଛି । ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ପରିଷଦଟି ଗଠନ କରାଯାଇଛି :—

ଚିଫ୍ ବିଭାଗର ଚିଫ୍ ଇଞ୍ଜିନିୟର ... ପ୍ରେସିଡେଣ୍ଟ
ଓଡ଼ିଶା ଶିଳ୍ପବିଭାଗର (ଟେକ୍‌ନିକାଲ ଟ୍ରେନିଂ)
ଜଏଣ୍ଟ ଡ଼ିରେକ୍ଟର ... ସଭ୍ୟ
ଚିଫ୍ ଇଞ୍ଜିନିୟର, ଇଲେକ୍ଟ୍ରିସିଟି,
ଓଡ଼ିଶା ... ... "
ଆଡ଼ିସନାଲ ଚିଫ୍ ଇଞ୍ଜିନିୟର୍,
ଇରିଗେସନ୍, ଓଡ଼ିଶା ... "
ଡିଷ୍ଟ୍ରିକ୍ଟ ଇଞ୍ଜିନିୟର, ବି: ପି:
ରେଲୱାଇ, ଓଡ଼ିଶା ... "
ପ୍ରିନ୍‌ସିପାଲ, ଓଡ଼ିଶା ସ୍କୁଲ ଅଫ୍
ଇଞ୍ଜିନିୟରିଂ, କଟକ ... ସଭ୍ୟ ଓ
ଓ. ଏସ୍. ଇ. ର
ସେକ୍ରେଟାରୀ
ପ୍ରିନ୍‌ସିପାଲ, ଝାରସୁଗୁଡ଼ା
ଇଞ୍ଜିନିୟରିଂ ସ୍କୁଲ ... ସଭ୍ୟ ଓ
ଜେ. ଇ. ଏସ୍.ର
ସେକ୍ରେଟାରୀ
ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର୍,
ଓ୍ୱେଷ୍ଟର୍ଣ୍ଣ ସର୍କଲ ... ସଭ୍ୟ ଓ
ଜି. ଇ. ସ୍କୁଲର
ସେକ୍ରେଟାରୀ ।

ବୋର୍ଡ଼ର କାର୍ଯ୍ୟ ହେବ :—

୧ । ବୋର୍ଡ଼ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ ପରୀକ୍ଷାଗୁଡ଼ିକ ନିମନ୍ତେ ସିଲବସ ନିର୍ଦ୍ଧାରଣ କରିବା ଓ ସେତେବେଳେ ଯେଉଁ ପ୍ରକାର ଦରକାର ହେବ ଆବଶ୍ୟକ ପରିବର୍ତ୍ତନ କରାଇବା ।

୨ । ବିଭିନ୍ନ ଇଞ୍ଜିନିୟରିଂ ସ୍କୁଲଗୁଡ଼ିକରେ ପଢ଼ା ଯିବା ପାଇଁ ବିଷୟବସ୍ତୁ ନିର୍ଦ୍ଧାରଣ କରିବା ଓ ପରୀକ୍ଷା ନିମନ୍ତେ ବିଷୟ-ସମଷ୍ଟିର ଶ୍ରେଣୀ ବିଭାଗ ନିରୂପଣ କରିବା ।

୩ । ବିଭିନ୍ନ ପରୀକ୍ଷା ଉଦ୍ଦେଶ୍ୟରେ ଓ ବିଶେଷ ଘଟନା ପାଇଁ ନିୟମାବଳୀ ପ୍ରସ୍ତୁତ କରିବା ।

୪ । ବୋର୍ଡ଼ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ ପରୀକ୍ଷାଗୁଡ଼ିକର ଫଳ ଘୋଷଣା କରିବା, ଓ

୫ । ଛାତ୍ରମାନଙ୍କୁ ଦିଆଯାଉଥିବା ପ୍ରାକ୍ଟିକାଲ ଟ୍ରେନିଂର ଆକାର ପ୍ରକାର ଓ ମାନ କଣ ହେବ ତାହା ଠିକ୍ କରିବା ।

### * ଇଂଜିନିୟରିଂ ସ୍କୁଲଗୁଡ଼ିକ ସମ୍ବନ୍ଧରେ ତଥ୍ୟସମ୍ବଳିତ ବିବରଣୀ

| କ୍ରମିକ ନଂ | ଅନୁଷ୍ଠାନର ନାମ | ବିଷୟ | ପାଠ୍ୟ-କାଳ (ବର୍ଷ) | ବୟସ ଓ ଯୋଗ୍ୟତା | ସର୍ବୋଚ୍ଚ ଛାତ୍ରସଂଖ୍ୟା | ବୃତ୍ତି | ବେତନ | ପାଠ୍ୟକାଳର ଆରମ୍ଭ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଓଡ଼ିଶା ସ୍କୁଲ୍ ଅଫ୍ ଇଂଜିନିୟରିଂ, କଟକ, | ସିଭିଲ୍ ଇଂଜିନିୟରିଂ | ୩ ବର୍ଷ ଓ ତତ୍ସଙ୍ଗେ ପ୍ରାକ୍ଟିକାଲ ଟ୍ରେନିଂ ୧ ବର୍ଷ | ୨୧ ବର୍ଷ ବୟସ ପର୍ଯ୍ୟନ୍ତ, ମାଟ୍ରିକ୍ୟୁଲେଶନ | ୧୨୦ | — | ପ୍ରତ୍ୟେକ ଛାତ୍ରପାଇଁ ମାସିକ ଟ ୧୦୲ | ଜୁଲାଇ |

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| | | ଇଲେକ୍ଟ୍ରିକାଲ ଇଂଜିନିୟରିଂ | ତିନି ବର୍ଷ ଓ ଚତୁର୍ଥବର୍ଷ ପ୍ରାକ୍ଟିକାଲ ଟ୍ରେନିଂ ୧ ବର୍ଷ | ୨୧ ବର୍ଷ ବୟସ ପର୍ଯ୍ୟନ୍ତ, ମାଟ୍ରିକ୍ୟୁଲେଶନ | ୩୦ | — | ପ୍ରତ୍ୟେକ ଛାତ୍ରପାଇଁ ମାସିକ ଟ ୧୦/ | ନୂଆର |
| | | ମେକାନିକାଲ ଇଂଜିନିୟରିଂ | ,, | ,, | ୩୦ | — | ,, | ,, |
| ୨ | ଇଂଜିନିୟରିଂ ସ୍କୁଲ ବ୍ରହ୍ମପୁର | ସିଭିଲ୍ | ,, | ,, | ୧୨୦ | — | ,, | ,, |
| | | ଇଲେକ୍ଟ୍ରିକାଲ | ,, | ,, | ୩୦ | — | ,, | ,, |
| | | ମେକାନିକାଲ | ,, | ,, | ୩୦ | — | ,, | ,, |
| ୩ | ଇଂଜିନିୟରିଂସ୍କୁଲ, ଝାରସୁଗୁଡ଼ା | ସିଭିଲ୍ | ,, | ,, | ୧୨୦ | — | ,, | ,, |
| | | ଇଲେକ୍ଟ୍ରିକାଲ | ,, | ,, | ୩୦ | — | ,, | ,, |
| | | ମେକାନିକାଲ | ,, | ,, | ୩୦ | — | ,, | ,, |
| ୪ | ଇଂଜିନିୟରିଂସ୍କୁଲ, ଭଦ୍ରଖ | ସିଭିଲ୍ | ,, | ,, | ୬୦ | — | ,, | ,, |
| | | ଇଲେକ୍ଟ୍ରିକାଲ | ,, | ,, | ୧୫ | — | ,, | ,, |
| | | ମେକାନିକାଲ | ,, | ,, | ୧୫ | — | ,, | ,, |

# ଓଡ଼ିଶା କାରିଗରୀ ଶିକ୍ଷା ଓ ତାଲିମ

ରାଜ୍ୟରେ କାରିଗରୀ ଶିକ୍ଷାର ସୁସମ୍ବଦ୍ଧ ବିକାଶ ଦିଗରେ ସରକାରଙ୍କୁ ପରାମର୍ଶ ଦେବା ନିମନ୍ତେ ଓଡ଼ିଶା ସରକାର "ଦି ଷ୍ଟେଟ୍ କାଉନ୍‌ସିଲ୍ ଅଫ୍ ଟେକ୍‌ନିକାଲ୍ ଏଜୁକେଶନ୍ ଏଣ୍ଡ୍ ଟ୍ରେନିଂ" ନାମକ ଗୋଟିଏ ପରାମର୍ଶଦାତା କାଉନ୍‌ସିଲ୍ ସ୍ଥାପନ କରିଛନ୍ତି । ଏହି କାଉନ୍‌ସିଲ୍ ନିଜ ଅଞ୍ଚଳ ପାଇଁ ପରିକଳ୍ପନା ପ୍ରସ୍ତୁତ କରିବା କ୍ଷେତ୍ରରେ କାରିଗରୀ ଶିକ୍ଷାର ସର୍ବ-ଭାରତୀୟ କାଉନ୍‌ସିଲ୍‌ର ଆଞ୍ଚଳିକ କମିଟୀ ସହିତ ସଂଯୋଗ ରକ୍ଷା କରି କାର୍ଯ୍ୟ କରିବେ । ଏହା କାରିଗରୀ ଶିକ୍ଷାନୁଷ୍ଠାନଗୁଡ଼ିକ ସହିତ ସଂଯୁକ୍ତ ରହିବ, ସେଗୁଡ଼ିକୁ ମଞ୍ଜୁରି ଦେବ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ପରୀକ୍ଷାଗୁଡ଼ିକ ପରିଚାଳନା କରିବ ଏବଂ ଓଡ଼ିଶାର କାରିଗରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଙ୍କୁ ଡିପ୍ଲୋମା ଓ ସାର୍ଟିଫିକେଟ୍ ପ୍ରଦାନ କରିବ । ଏହା ଛଡ଼ା, ଇଂଜିନିୟରିଂର ବିଭିନ୍ନ ଶାଖା ପାଇଁ ଏହି କାଉନ୍‌ସିଲ୍ ପାଠ୍ୟ-ପରିଷଦ ବା ବୋର୍ଡ଼ ଅଫ୍ ଷ୍ଟଡିଜ୍ ନିଯୁକ୍ତ କରିବ ଏବଂ ଓଡ଼ିଆରେ କାରିଗରୀ ବିଷୟବସ୍ତୁ ସମ୍ବନ୍ଧୀୟ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବ ।

କାଉନ୍‌ସିଲ୍‌ଟି ନିମ୍ନଲିଖିତ ମତେ ଗଠନ କରାହୋଇଛି :—

୧ । ଶିଳ୍ପ, ଖଣି ଓ ଭୂତତ୍ତ୍ୱ ବିଭାଗ ମନ୍ତ୍ରୀ···ଚେୟାରମ୍ୟାନ
୨ । ଶିଳ୍ପ, ଓ କାରିଗରୀ ପରାମର୍ଶଦାତା ··· ସଭ୍ୟ
୩ । ଶିଳ୍ପ, ଖଣି ଓ ଭୂତତ୍ତ୍ୱ ବିଭାଗ ସେକ୍ରେଟାରୀ ସଭ୍ୟ
୪ । ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ସେକ୍ରେଟାରୀ-କମ୍-ଡିରେକ୍ଟର ··· ସଭ୍ୟ
୫-୮ ଓଡ଼ିଶାର କାରିଗରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଚାରିଜଣ ଅଧ୍ୟକ୍ଷ ··· ସଭ୍ୟ
୯-୧୦ ଭାରତ ସରକାରଙ୍କ ଶିଳ୍ପ ଓ ବାଣିଜ୍ୟ-ବିଭାଗର ପ୍ରତିନିଧିବୃନ୍ଦ ··· ସଭ୍ୟ
୧୧ । ଭାରତ ସରକାରଙ୍କ ଅଖିଳ ଭାରତୀୟ କାରିଗରୀ ଶିକ୍ଷା କାଉନ୍‌ସିଲ୍‌ର ଆଞ୍ଚଳିକ କମିଟୀର ପ୍ରତିନିଧି ··· ସଭ୍ୟ
୧୨ । ଦ: ପୂ: ରେଲବାଇର ପ୍ରତିନିଧି ··· ସଭ୍ୟ
୧୩ । ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଡିରେକ୍ଟର ··· ସଭ୍ୟ
୧୪ । ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ (ଟି. ଟି.) ଜଏଣ୍ଟ ଡିରେକ୍ଟର ··· ସଭ୍ୟ
୧୫ । ଓଡ଼ିଶା ସରକାରଙ୍କ ଖଣି ବିଭାଗ ଡେପୁଟି ଡିରେକ୍ଟର ··· ସଭ୍ୟ
୧୬ । ଓଡ଼ିଶା ସରକାରଙ୍କ ସାଧାରଣ ଶିକ୍ଷା ବିଭାଗ ଡିରେକ୍ଟର୍ ଓ ଓଡ଼ିଶା ମାଧ୍ୟମିକ ଶିକ୍ଷାପରିଷଦ (ବୋର୍ଡ଼)ର ସଭାପତି ··· ସଭ୍ୟ
୧୭ । ଓଡ଼ିଶା ସରକାରଙ୍କ ଚିଫ୍-ଇଂଜିନିୟର ଓ କାରିଗରୀ ଶିକ୍ଷାପରିଷଦର ସଭାପତି ସଭ୍ୟ
୧୮ । ବିଦ୍ୟୁତ୍‌ଶକ୍ତି ବିଭାଗର ଚିଫ୍ଇଂଜିନିୟର୍ ସଭ୍ୟ
୧୯-୨୦ ସରକାରଙ୍କଦ୍ୱାରା ମନୋନୀତ ରାଜ୍ୟବିଧାନସଭାର ସଦସ୍ୟ ··· ସଭ୍ୟ
୨୧ । ଦେଶରକ୍ଷା ବିଭାଗ ପ୍ରତିନିଧି ··· ସଭ୍ୟ

ବେସରକାରୀ ସଭ୍ୟମାନେ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । କାଉନ୍‌ସିଲ୍ ବର୍ଷକୁ ଅନ୍ତତଃ ଦୁଇଥର ଲେଖାଏଁ ବସିବ । ବର୍ତ୍ତମାନ ପାଇଁ କାଉନ୍‌ସିଲ୍‌ର ଅଫିସ୍ ଶିଳ୍ପ ବିଭାଗ ଡାଇରେକ୍ଟୋରେଟ୍‌ରେ ଅବସ୍ଥାପିତ କରାଯାଇଛି ।

ଗତ ବର୍ଷ ତା ୨୮-୧୧-୫୮ ରିଖରେ କଟକର ଓଡ଼ିଶା ସ୍କୁଲ ଅଫ୍ ଇଂଜିନିୟରିଂରେ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କାଉନ୍‌ସିଲ୍‌ଟି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ଓ ସେହିଠାରେ ସେହିଦିନ ଶିଳ୍ପ, ଖଣି ଓ ଭୂତତ୍ତ୍ୱ ବିଭାଗ ମନ୍ତ୍ରୀଙ୍କ ସଭାପତିତ୍ୱରେ କାଉନ୍‌ସିଲ୍‌ର ପ୍ରଥମ ସଭା ବସିଥିଲା । ଅନ୍ୟାନ୍ୟ ବିଷୟ ମଧ୍ୟରେ, ସଭା କାଉନ୍‌ସିଲ୍‌ର ବିଭିନ୍ନ କାରବାର ଉଦ୍ଦେଶ୍ୟରେ ନିୟମ କାନୁନ ପ୍ରସ୍ତୁତ କରିବା ପାଇଁ ଗୋଟିଏ ସବ୍‌କମିଟୀ ଓ ରାଜ୍ୟରେ ଥିବା ହାତକାମ ତାଲିମ ଅନୁଷ୍ଠାନଗୁଡ଼ିକର ବ୍ୟବସାୟ-କାର୍ଯ୍ୟ ପରିଚାଳନା କରିବା ପାଇଁ ଆଉ ଗୋଟିଏ ସବ୍‌କମିଟୀ ନିଯୁକ୍ତ କରିଥିଲେ ଏବଂ ଓଡ଼ିଶାରେ କାରିଗରୀ ଶିକ୍ଷା ଓ ତାଲିମ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ବିବେଚନା କରିଥିଲେ ।

# ବୁର୍ଲା ଇଞ୍ଜିନିୟରିଂ କଲେଜ

୧୯୫୬-୫୭ ମସିହାଠାରୁ ବୁର୍ଲାଠାରେ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ କଲେଜ ଆରମ୍ଭ ହୋଇଥିଲା । ଇଞ୍ଜିନିୟରିଂ ବିଦ୍ୟାର ନିମ୍ନଲିଖିତ ଶାଖାମାନଙ୍କ ନିମନ୍ତେ ସେଠାରେ ବି. ଏସ୍. ସି ଡିଗ୍ରିର ବ୍ୟବସ୍ଥା କରାଯାଇଛି ।

୧ । ସିଭିଲ ଇଞ୍ଜିନିୟରିଂ ଏବଂ ମ୍ୟୁନିସିପାଲ ଇଞ୍ଜିନିୟରିଂ ।

୨ । ମେକାନିକାଲ୍ ଇଞ୍ଜିନିୟରିଂ ।

୩ । ଇଲେକ୍‌ଟ୍ରିକାଲ୍ ଇଞ୍ଜିନିୟରିଂ ।

ଏହା ୪ ବର୍ଷିଆ ପାଠ୍ୟକ୍ରମ ଅଟେ । ଇଞ୍ଜିନିୟରିଂ ବିଦ୍ୟାର ସମସ୍ତ ଶାଖା ସହିତ ସମ୍ପୃକ୍ତ ଥିବା ଆଇ. ଏସ୍. ସି. (ଇଞ୍ଜିନିୟରିଂ) ବିଷୟରେ ପ୍ରଥମ ୨ ବର୍ଷ ପାଇଁ ଶିକ୍ଷା ଦିଆଯାଏ ଏବଂ ପରବର୍ତ୍ତୀ ୨ ବର୍ଷ ବି. ଏସ୍. ସି. (ଇଞ୍ଜିନିୟରିଂ)ରେ ଇଞ୍ଜିନିୟରିଂର ପ୍ରତ୍ୟେକ ଶାଖା ବିଷୟରେ ଶିକ୍ଷା ଦିଆଯାଏ ।

ଦୁଇଟି ପାଠ୍ୟବର୍ଷର ମଧ୍ୟବର୍ତ୍ତୀ ଗ୍ରୀଷ୍ମାବକାଶରେ ୧୦୦ ଦିନ ପାଇଁ ଛାତ୍ରମାନଙ୍କୁ ବ୍ୟାବହାରିକ ଶିକ୍ଷା ଦିଆଯାଏ ।

ଜୁଲାଇ ମାସରେ କଲେଜର ପାଠ୍ୟବର୍ଷ ଆରମ୍ଭ ହୁଏ । କଲେଜରେ ନାମ ଲେଖାଇବା ପାଇଁ ଇଚ୍ଛୁକ ଛାତ୍ରମାନେ ନିର୍ଦ୍ଧାରିତ ଫାରମରେ ଧାର୍ଯ୍ୟ ହୋଇଥିବା ତାରିଖ ମଧ୍ୟରେ, ପ୍ରିନ୍‌ସିପାଲ୍, ୟୁନିଭରସିଟି କଲେଜ ଅଫ୍ ଇଞ୍ଜିନିୟରିଂ, ବୁର୍ଲା, ପୋ:ଅ: ହୀରାକୁଦ କଲୋନି, ଜିଲ୍ଲା ସମ୍ବଲପୁର"ଙ୍କୁ ଆବେଦନ କରିବା ଆବଶ୍ୟକ । ଧାର୍ଯ୍ୟ ହୋଇଥିବା ତାରିଖ ପରେ ମିଳିଥିବା ଦରଖାସ୍ତଗୁଡ଼ିକୁ ଏକାଥରେ ପ୍ରତ୍ୟାଖ୍ୟାନ କରି ଦିଆଯାଇପାରେ ।

୮ ନୂଆ ପଇସାର ଡାକ ଟିକଟ ସହ ପରୀକ୍ଷାର ଖବରରେ ନିଜର ନାମ ଓ ଠିକଣା ଲେଖି ଗୋଟିଏ ଦରଖାସ୍ତ, "ପ୍ରିନ୍‌ସିପାଲ୍, ୟୁନିଭରସିଟି କଲେଜ ଅଫ୍ ଇଞ୍ଜିନିୟରିଂ, ବୁର୍ଲା, ପୋ:ଅ: ହୀରାକୁଦ କଲୋନି, ଜିଲ୍ଲା ସମ୍ବଲପୁର"ଙ୍କ ନିକଟକୁ ପଠାଇଲେ ଆବଶ୍ୟକ ହେଉଥିବା ଫାରମମାନ ମିଳିପାରିବ ।

ଦରଖାସ୍ତକାରୀମାନେ ନିମ୍ନଲିଖିତ ବିଷୟମାନ ପୂରଣ କରି ସେଗୁଡ଼ିକୁ ଅଧ୍ୟକ୍ଷଙ୍କ ନିକଟକୁ ପଠାଇ ଦେବା ଉଚିତ ।

(/) ଦରଖାସ୍ତ ଫାରମ

(//) ଅନ୍ୟ କୌଣସି ପରୀକ୍ଷାରେ ପାସ କରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟର ଆଇ. ଏସ୍.ସି. ପରୀକ୍ଷାରେ ପାଇଥିବା ନମ୍ବର ତାଲିକାର ତସ୍‌ଦିକ ହୋଇଥିବା ଏକ କପି ନକଲ । (କମ୍ପାର୍ଟମେଣ୍ଟାଲ ପରୀକ୍ଷା ହୋଇଥିଲେ ଦୁଇଟିଯାକ ପରୀକ୍ଷାର ନମ୍ବର ତାଲିକା ଦାଖଲ କରିବାକୁ ହେବ । )

(///) ଆସିଷ୍ଟାଣ୍ଟ ସର୍ଜନଙ୍କ ପାହ୍ୟାରୁ କମ୍ ହୋଇ ନ ଥିବା ଜଣେ ମେଡ଼ିକାଲ୍ ଅଫିସରଙ୍କଠାରୁ ଗୋଟିଏ ମେଡ଼ିକାଲ୍ ସାର୍ଟିଫିକେଟ ।

(।) ଦରଖାସ୍ତକାରୀ ନାମ ଲେଖାଇବା ପାଇଁ ବଛା ଗଲେ କି ନାହିଁ ସେ ବିଷୟ ଜଣାଇବା ପାଇଁ, ନିଜ ନାମ ଲେଖା ହୋଇ ଡାକ ଟିକଟ ମରାଯାଇଥିବା ଗୋଟିଏ ଲଫାଫା ।

(।/) ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ୨ଟି ପାସପୋର୍ଟ ସାଇଜର ଫଟୋ ।

(।//) ପ୍ରିନ୍‌ସିପାଲ୍, ୟୁନିଭରସିଟି କଲେଜ ଅଫ୍ ଇଞ୍ଜିନିୟରିଂ, ବୁର୍ଲା,ଙ୍କ ନାମରେ ଟ ୨୯ ର ଗୋଟିଏ କ୍ରସ୍‌ଡ୍ ପୋଷ୍ଟାଲ ଅର୍ଡ଼ର ।

ଯୋଗ୍ୟତା:--କଲେଜରେ ନାମ ଲେଖାଇବା ପାଇଁ ଆବେଦନକାରୀମାନେ, ଗଣିତ, ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଇ. ଏସ୍. ସି. ବା ଏକାଡ଼େମିକ୍ କାଉନ୍‌ସିଲ୍‌ଦ୍ୱାରା ତତ୍ତୁଲ୍ୟ ବିବେଚିତ ହୋଇଥିବା କୌଣସି ପରୀକ୍ଷାରେ ପାଶ କରିଥିବେ ଓ ୧୯୫୮ ନଭେମ୍ବର ପହିଲା ସୁଦ୍ଧା ତାଙ୍କୁ ୧୬ ବର୍ଷ ବୟସ ସମ୍ପୂର୍ଣ୍ଣ ହୋଇଥିବ ।

କଲେଜରେ ନାମ ଲେଖାଇବା ଏକ ଅଧିକାର ରୂପେ ଦାବୀ କରି ଯାଇପାରିବ ନାହିଁ । ପ୍ରାର୍ଥୀମାନଙ୍କୁ ବାଛିବାରେ ସେମାନଙ୍କ ଯୋଗ୍ୟତା, ଚରିତ୍ର ଓ ଶାରୀରିକ ଯୋଗ୍ୟତା ସମ୍ବନ୍ଧରେ ବିଚାର କରାଯିବ ।

ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ଦ୍ଦିଷ୍ଟ ରୂପେ କେଉଁ କେଉଁ ଦରଖାସ୍ତକାରୀ କଲେଜରେ ନାମ ଲେଖାଇବା ପାଇଁ ବଛାଗଲେ ତାହା ଜଣାଇ ଦିଆଯିବ ।

ନାମ ଲେଖାଇବା ସମୟରେ ବଛାଯାଇଥିବା ପ୍ରାର୍ଥୀଙ୍କୁ ନିମ୍ନଲିଖିତ ପ୍ରାମାଣିକ ପତ୍ର ଦାଖଲ କରିବାକୁ ହେବ :—

୵) ମୂଳ କଲେଜ ଲିଭିଙ୍ଗ୍ ସାର୍ଟିଫିକେଟ । ଏହା ଫେରସ୍ତ ଦିଆଯିବ ନାହିଁ ।

୶) ଆଇ. ଏସ୍. ସି. ପରୀକ୍ଷାର ମୂଳ ନମ୍ବର ତାଲିକା ।

୷) ଦରଖାସ୍ତକାରୀ ଶେଷଥର ଯେଉଁ ପାଠ ପଢ଼ିଥିଲେ ସେହି କଲେଜର ଅଧ୍ୟକ୍ଷଙ୍କ ନିକଟରୁ ଗୋଟିଏ ଚରିତ୍ର ଓ ବ୍ୟବହାର ସାର୍ଟିଫିକେଟ ।

ନିମ୍ନଲିଖିତ ୧୨ ଓ ୧୩ ପାରାର ବିସ୍ତୃତ ବିବରଣୀ ଅନୁସାରେ ବଛାଯାଇଥିବା ପ୍ରାର୍ଥୀମାନେ ସମସ୍ତ ଫିସ୍ ଦାଖଲ କରିବେ । ଏହା କରି ନ ପାରିଲେ ପ୍ରାର୍ଥୀଙ୍କୁ ଦିଆଯାଇଥିବା ସ୍ଥାନଟି ବାଜ୍ୟାପ୍ତ ହୋଇଯିବ ।

କଲେଜର ଛାତ୍ରମାନେ ସେମାନଙ୍କର ପିତାମାତାଙ୍କ ନିକଟରେ କିମ୍ବା ଅଧ୍ୟକ୍ଷଙ୍କଦ୍ୱାରା ମଞ୍ଜୁରୀପ୍ରାପ୍ତ ସେମାନଙ୍କର ସ୍ଥାନୀୟ ଅଭିଭାବକଙ୍କ ନିକଟରେ କିମ୍ବା କଲେଜ ହଷ୍ଟେଲରେ ରହିବାକୁ ବାଧ୍ୟ ।

ନିମ୍ନଲିଖିତ ମତେ ବିଭିନ୍ନ ବିଭାଗର ସ୍ଥାନ ବନ୍ଦୋବସ୍ତ କରାଯାଇଅଛି:—

୧ । ସିଭିଲ୍ ଇଞ୍ଜିନିୟରିଂ ଏବଂ ମ୍ୟୁନିସିପାଲ୍ ଇଞ୍ଜିନିୟରିଂ— ୬୦

୨ । ମେକାନିକାଲ୍ ଇଞ୍ଜିନିୟରିଂ—୩୦

୩ । ଇଲେକ୍‌ଟ୍ରିକାଲ୍ ଇଞ୍ଜିନିୟରିଂ—୩୦

ନିମ୍ନଲିଖିତ ମତେ କଲେଜରେ ଫିସ୍ ଓ ଚାନ୍ଦାସବୁ ଦେବାକୁ ପଡ଼ିବ:—

୵) କଲେଜ ଦରମା ମାସିକ ଟ ୧୫୲

୶) ସାମାଜିକ କଲ୍ୟାଣ ସମିତି „ ଟ ୦. ୨୫ ନୂଆ

୷) ଆଥଲେଟିକ୍ କ୍ଲବ ଚାନ୍ଦା „ ଟ ୦. ୭୫ ନୂଆ

ନାମ ଲେଖାଇବା ସମୟରେ ନିମ୍ନଲିଖିତ ଦେୟମାନ ଦେବାକୁ ପଡ଼ିବ ।

୧) ଜୁନ ଓ ଜୁଲାଇ ମାସ ପାଇଁ ଦରମା, ଏସ୍. ଏସ୍. ଜି. ଚାନ୍ଦା, ଆଥଲେଟିକ୍ କ୍ଲବ ଚାନ୍ଦା ।

୨) ଇଉନିଭରସିଟି ରେଜିଷ୍ଟ୍ରେସନ୍ ଫିସ୍ ଟ ୨୲, (ଯଦି ଦିଆଯାଇ ନ ଥାଏ) ।

୩) ମାସିକ ଦରମା ସହିତ ସମାନ ନାମଲେଖା ଫିସ୍ ଅର୍ଥାତ୍ ଟ ୧୫୲ ।

୪) କଲେଜ ପରୀକ୍ଷା ଫିସ୍ ବାର୍ଷିକ ଟ ୫୲ ।

୫) କମନରୁମ୍ ମାଗାଜିନ୍ ଏବଂ କାଲେଣ୍ଡର ଚାନ୍ଦା ମାସିକ ଟ ୫୲ ।

୬) ଡ୍ରାମାଟିକ୍ କ୍ଲବ ଚାନ୍ଦା ବାର୍ଷିକ ଟ ୩୲ ।

୭) ଆଇଡ଼େଣ୍ଟିଟି ପତ୍ର ଫିସ୍ ଟ ୧୲ ।

୮) ଲେବୋରେଟରୀ ଏବଂ ଓ୍ୱାର୍କସପ୍ ଡିପୋଜିଟ୍ (ଭଙ୍ଗାଭଙ୍ଗି) (ଖର୍ଚ୍ଚମାନ ଥିଲେ ତାହା କଟାଯାଇ ପାଠ୍ୟକ୍ରମ ଶେଷରେ ଏହା ଫେରସ୍ତ ମିଳିବ) ଟ ୫୲ ।

୯) ଲାଇବ୍ରେରୀ ଡିପୋଜିଟ୍ (କୌଣସି ବହି ହଜାଇଥିଲେ କିମ୍ବା କିଛି କ୍ଷତି କରିଥିଲେ ସେ ବାବଦରେ ଖର୍ଚ୍ଚ କଟାଯାଇ ପାଠ୍ୟକ୍ରମର ଶେଷରେ ଫେରସ୍ତ ମିଳିବ) ଟ ୫୲ ।

୧୦) ଅନ୍ୟ ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରମାନଙ୍କ ପାଇଁ ରେକଗ୍ନିସନ୍ ଫିସ୍ ଟ ୫୲ ।

୧୧ ଓ ୧୨ ଦଫାରେ ବର୍ଣ୍ଣିତ ଥିବା ସମସ୍ତ ଫିସ୍ ଏବଂ ଖୁଦା ସହିତ କଲେଜ ହଷ୍ଟେଲର ଛାତ୍ରଙ୍କୁ ନାମ ଲେଖା ସମୟରେ ନିମ୍ନଲିଖିତ ମତେ ଦେୟମାନ ଦେବାକୁ ପଡ଼ିବ :—

୧- ହଷ୍ଟେଲ କସନ ମନିର ପ୍ରଥମ କିସ୍ତି ଟ ୧୫୲

୨-ଜୁନ ଓ ଜୁଲାଇ ମାସ ପାଇଁ ସିଟ୍‌ରେଣ୍ଟ ଟ ୫୲

୩- ,, ,, ଲାଇଟ ଖର୍ଚ୍ଚ ଟ ୩୲

୪- ,, ,, ହଷ୍ଟେଲ କମନରୁମ୍ ଖୁଦା ଏବଂ ହଷ୍ଟେଲର ଅନ୍ୟାନ୍ୟ ଦେୟ ଟ ୮୲

୫-ଜୁଲାଇ ମାସ ପାଇଁ ମେସ୍ ଖର୍ଚ୍ଚ ଟ ୪୦୲

୬-ବାର୍ଷିକ ମାଗାଜିନ ଫିସ୍ ଟ ୨୲

ଛାତ୍ରମାନଙ୍କ ପାଇଁ ଖେଳ କିମ୍ବା ଡ୍ରିଲ ବାଧ୍ୟତାମୂଳକ ଅଟେ ।

ଅଧ୍ୟୟନର ପାଠ୍ୟକ୍ରମ ବହିରେ ଛପାଯାଇ ବାହାରି ହେଉଅଛି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କିମ୍ବା ପ୍ରିନ୍‌ସିପାଲଙ୍କ ନିକଟରୁ ମିଳିପାରିବ ।

ନାମ ଲେଖା ସମ୍ବନ୍ଧୀୟ ସମସ୍ତ ଚିଠିପତ୍ର "ପ୍ରିନ୍‌ସିପାଲ, ଇଉନିଭରସିଟି କଲେଜ ଅଫ୍ ଇଞ୍ଜିନିୟରିଂ, ବୁର୍ଲା"ଙ୍କ ନିକଟକୁ ପଠାଯିବା ଦରକାର ।

ଉପର ଲିଖିତ ସମସ୍ତ ଆବଶ୍ୟକୀୟ ଜିନିଷ ସହିତ ନିମ୍ନଲିଖିତ ପ୍ରାଥମିକ ଖର୍ଚ୍ଚମାନ ଦରକାର ହେବ ।

ଗୋଟିଏ ସାଇକେଲ ... ... ଟ ୨୫୦୲

ସନ୍ଦୁ ବାକ୍ସ ... ... ... ଟ ୪୫୲

ଟି ସ୍କୋୟାର, ସେଟ୍ ସ୍କୋୟାର ଇତ୍ୟାଦି ଟ ୨୦୲

ବହି ... ... ... ... ଟ ୧୨୦୲

ଦୈନନ୍ଦିନ କାର୍ଯ୍ୟ ପାଇଁ ଖାକି ପ୍ୟାଣ୍ଟ ଏବଂ ଧଳା କମିଜ ଦରକାର । ଏହା ସହିତ ଛାତ୍ରମାନଙ୍କର ଇଉନିୟନର ସୁପାରିଶ ଅନୁସାରେ ଧଳା ପ୍ୟାଣ୍ଟ, ଗୋଟିଏ ଗାଢ଼ ନୀଳ (ନାଭିବ୍ଲୁ) ରଙ୍ଗର ପସମ କୋଟ ସହିତ କଲେଜ ଛାପ ଏବଂ ମ୍ୟାଚିଂ-ଟାଇ ସମସ୍ତଙ୍କ ପାଇଁ ଦରକାର ଏବଂ ଏ ବାବଦରେ ଟ ୭୦୲ ଯାଏଁ ଖର୍ଚ୍ଚ ଲାଗିବ ।

# ଓଡ଼ିଶା ସଙ୍ଗୀତ ନାଟକ ଏକାଡେ଼ମୀର ତୃତୀୟ ନାଟକୋତ୍ସବ

ଓଡ଼ିଶା ସଙ୍ଗୀତ ନାଟକ ଏକାଡେ଼ମୀର ତୃତୀୟ ତ୍ରୈବାର୍ଷିକ ନାଟକୋତ୍ସବ ଗତ ମାସ ତା ୬ ରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁରର ଖଲ୍ଲିକୋଟ କଲେଜ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । କଟକରୁ କଳା-ବିକାଶ କେନ୍ଦ୍ର, ନାସନାଲ ମିଉଜିକ୍ ଏସୋସିଏସନ୍, ଜନତା ନାଟ୍ୟ ସଂଘ, ରୂପମଞ୍ଚ, ପ୍ରଜାତନ୍ତ୍ର ନାଟ୍ୟ ସମିତି ନାଟ୍ୟ ସଂସଦ, କୁମାର ଆର୍ଟ ପ୍ରଡ଼କସନ, କଳାମନ୍ଦିର, ପୁରୀରୁ ପ୍ରଗତି କଳାମନ୍ଦିର, ସ୍ୱମରଶ୍ରୀ ଯୁବକସଙ୍ଘ, ଢେ଼ଙ୍କାନାଳରୁ ତରୁଣ କଳାନିକେତନ, ବଲାଙ୍ଗୀରର ନୃତ୍ୟ-ସଙ୍ଗୀତ ନାଟ୍ୟ କଳା ପରିଷଦ, କେନ୍ଦ୍ରାପଡ଼ାରୁ ବନଦୁର୍ଗା କ୍ଲବ, ସମ୍ବଲପୁରରୁ ତରୁଣ ଡ୍ରାମାଟିକ୍ କ୍ଲବ ଏ ଉତ୍ସବରେ ଯୋଗ ଦେଇଥିଲେ । କଟକ ବ୍ୟତୀତ ଓଡ଼ିଶାର ବିଭିନ୍ନାଞ୍ଚଳରୁ ଏତେଗୁଡ଼ିଏ ନାଟ୍ୟାନୁଷ୍ଠାନ ପ୍ରତିଯୋଗିତାରେ ଯୋଗ ଦେବା ଏହା ସର୍ବ ପ୍ରଥମ । ନାଟକ ଓ ଲଳିତ କଳା ପ୍ରତି ସମଗ୍ର ଓଡ଼ିଶାରେ ଯେ ଯଥେଷ୍ଟ ଉତ୍ସାହ ଓ ଆଗ୍ରହ ପ୍ରକାଶ ପାଉଛି ତାହା ଏହି ଉତ୍ସବରୁ ସ୍ପଷ୍ଟ ପ୍ରତୀତ ହେଉଛି । ଉପରୋକ୍ତ ନାଟ୍ୟାନୁଷ୍ଠାନ ଗୁଡ଼ିକର କଳାକାର ଓ କର୍ମକର୍ତ୍ତାମାନେ ଯଥାସମୟରେ ଉତ୍ସବରେ ଯୋଗଦାନ କରି ସେମାନଙ୍କର କାର୍ଯ୍ୟ ଶୃଙ୍ଖଳାର ସଚ୍ଚୁତ ସମ୍ମାନ କରି ଫେରି ଯାଇଛନ୍ତି ।

ଏହି ଉତ୍ସବରେ ଯୋଗ ଦେଇଥିବା ୧୫ଗୋଟି ନାଟ୍ୟାନୁଷ୍ଠାନର ରଚନା, ଅଭିନୟ, ନିର୍ଦ୍ଦେଶ ଇତ୍ୟାଦି ବିବେଚନା କରିବା ସକାଶେ ସଙ୍ଗୀତ-ନାଟକ-ଏକାଡେ଼ମୀ ପକ୍ଷରୁ ୫ଜଣ ବିଚାରପତି ନିଯୁକ୍ତ ହୋଇଥିଲେ । ସେମାନଙ୍କର ନିଷ୍ପତ୍ତି ଅନୁଯାୟୀ ନିମ୍ନଲିଖିତ ଅନୁଷ୍ଠାନ, ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ଓ ଅଭିନେତ୍ରୀଗଣ ସର୍ବୋତ୍କୃଷ୍ଟ ବିବେଚିତ ହେଲେ ।

୧ । ସର୍ବୋତ୍କୃଷ୍ଟ ଅଭିନୀତ ନାଟକ—ଅନଶନ-ରୂପମଞ୍ଚ, କଟକ ।

ଦ୍ୱିତୀୟ ଉତ୍କୃଷ୍ଟ ଅଭିନୀତ ନାଟକ—ଉସାମେଘ, କଳାବିକାଶ କେନ୍ଦ୍ର, କଟକ

ତୃତୀୟ ଉତ୍କୃଷ୍ଟ ଅଭିନୀତ ନାଟକ—ଘରଠାକୁର, ନ୍ୟାସନାଲ ମିଉଜିକ୍ ଏସୋସିଏସନ, କଟକ

୨ । ଶ୍ରେଷ୍ଠ ନିର୍ଦ୍ଦେଶକ—ଶ୍ରୀ ଖଗେନ୍ଦ୍ରନାଥ ମିଶ୍ର, କଟକ, କଳାବିକାଶ କେନ୍ଦ୍ରଦ୍ୱାରା ଅଭିନୀତ "ଉସାମେଘ" ନିର୍ଦ୍ଦେଶକ

ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ – ଶ୍ରୀ ନିତ୍ୟାନନ୍ଦ ପାଲିତ, କଟକ ନ୍ୟାସନାଲ ମିଉଜିକ ଏସୋସିଏସନ-ଦ୍ୱାରା ଅଭିନୀତ "ଘରଠାକୁର" ନିର୍ଦ୍ଦେଶକ ।

ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ—ଶ୍ରୀ କୃପାସିନ୍ଧୁ ମହାନ୍ତି, କଟକ କଳାମନ୍ଦିରଦ୍ୱାରା ଅଭିନୀତ "ସମସ୍ୟା" ନିର୍ଦ୍ଦେଶକ ।

୩ । ଶ୍ରେଷ୍ଠ ଅଭିନେତା—ଶ୍ରୀ ହେମନ୍ତ କୁମାର ଦାସ, କଟକର "ଜନତା" ଦ୍ୱାରା ଅଭିନୀତ "କାଠ" ନାଟକରେ "ସାଂଚରଣ" ଭୂମିକାରେ ଅଭିନୟ କରିଥିଲେ ।

ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା—ଶ୍ରୀ ଶରତଚନ୍ଦ୍ର ପୃଷ୍ଟାସି, ପ୍ରଜାତନ୍ତ୍ର ପ୍ରଚାର ସମିତି ନାଟ୍ୟ-ସଂସଦ-ଦ୍ୱାରା ଅଭିନୀତ "ଚନ୍ଦ୍ରବେଣୀ" ନାଟକରେ "ମଣିଶଙ୍କର" ଭୂମିକାରେ ଅଭିନୟ କରିଥିଲେ ।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ, ନାଟକ ପ୍ରତିଯୋଗୀତାରେ ପ୍ରଥମ ପୁରସ୍କାର ପ୍ରାପ୍ତ 'ଅନଶନ' ନାଟକର ଗୋଟିଏ ଦୃଶ୍ୟ



ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ କଟକର 'କଳାମନ୍ଦିର' ପକ୍ଷରୁ ଅଭିନତ ଏକାଙ୍କିକା 'ଡାକବଙ୍ଗଳା' ନାଟିକାର ଗୋଟିଏ ଦୃଶ୍ୟ



ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍. ସି. ସି.) ଘରପୋଡ଼ି ଯୋଗୁଁ ଆଶ୍ରୟହୀନ ହୋଇଥିବା
ଗ୍ରାମବାସିଙ୍କୁ ଦୁଧ ଓ ଔଷଧ ବଣ୍ଟନ କରୁଛନ୍ତି

ତୃତୀୟ ଶ୍ରେଷ୍ଠ ଅଭିନେତା—ଶ୍ରୀ ଅକ୍ଷୟ କୁମାର ମହାନ୍ତି, କଟକର ନାଟ୍ୟସ୍ୱରଣୀଦ୍ୱାରା ଅଭିନୀତ "ନୀଳକଣ୍ଠ" ନାଟକରେ "ବିଦୂତ" ଭୂମିକାରେ ଅଭିନୟ କରିଥିଲେ ।

୪। ଶ୍ରେଷ୍ଠା ଅଭିନେତ୍ରୀ—ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମହାପାତ୍ର, କଟକ କଳାବିକାଶ କେନ୍ଦ୍ରଦ୍ୱାରା ଅଭିନୀତ "ଉଷା-ମେଘ"ରେ "ରାଧା" ଭୂମିକାରେ ଅଭିନୟ କରିଥିଲେ ।

ଦ୍ୱିତୀୟ ଶ୍ରେଷ୍ଠା ଅଭିନେତ୍ରୀ—କୁମାରୀ ଆହ୍ଲାଦିନୀ ପଟ୍ଟନାୟକ, ପୁରୀ ଶ୍ରମଚଣ୍ଡୀ ଯୁବକ ସଂଘଦ୍ୱାରା ଅଭିନୀତ "ଗୋଟିଏ ସଣ୍ଡ"ରେ "କୁସୁମ" ଭୂମିକାରେ ଅଭିନୟ କରିଥିଲେ ।

ତୃତୀୟ ଶ୍ରେଷ୍ଠା ଅଭିନେତ୍ରୀ—ଶ୍ରୀମତୀ ବୀଣାପାଣି ଦାସ, କଟକର ରୂପମଞ୍ଚଦ୍ୱାରା ଅଭିନୀତ "ସ୍ୱଜନ" ଭୂମିକାରେ ଅଭିନୟ କରିଥିଲେ ।

୫। ଶ୍ରେଷ୍ଠ ଶିଶୁ ଅଭିନେତା—ଶ୍ରୀ ବିଶ୍ୱମୟ କର, କଟକର ନାଟ୍ୟ-ସ୍ୱରଣୀଦ୍ୱାରା ଅଭିନୀତ "ନୀଳକଣ୍ଠ" ନାଟକରେ "ନୀଳକଣ୍ଠ" ଭୂମିକାରେ ଅଭିନୟ କରିଥିଲେ ।

୬। ଶ୍ରେଷ୍ଠ ଅଭିନୀତ ନାଟକର ଲେଖକ ଶ୍ରୀ ମନୋରଞ୍ଜନ ଦାସ, କଟକର ରୂପମଞ୍ଚଦ୍ୱାରା ଅଭିନୀତ "ଅନଶନ" ନାଟକର ଲେଖକ ।

# ରାଜ୍ୟ ବାହାରେ ଉଚ୍ଚତର ବୈଷୟିକ ଶିକ୍ଷା

ଓଡ଼ିଶାର ଛାତ୍ରମାନଙ୍କ ପାଇଁ ରାଜ୍ୟ ଭିତରେ ଇଂଜିନିୟରିଂ ଓ ବିଭିନ୍ନ କାରିଗରୀ ବିଦ୍ୟାରେ ଉଚ୍ଚତର ଶିକ୍ଷା ପାଇବା ନିମନ୍ତେ ବିଶେଷ ସୁବିଧା ନାହିଁ । କାରିଗରୀ ଲୋକବଳ କମିଟି ଦ୍ୱିତୀୟ ଯୋଜନା କାଳରେ ଆମର ପ୍ରୟୋଜନ ହେଉଥିବା ଇଂଜିନିୟରିଂ ଗ୍ରାଜୁଏଟ୍‌ମାନଙ୍କ ସଂଖ୍ୟା ୪୯୧ ହେବ ବୋଲି ସ୍ଥିର କରିଛନ୍ତି । ବର୍ତ୍ତମାନ ଓଡ଼ିଶାରେ ୧୨୦ ଜଣ ଛାତ୍ର ନାମ ଲେଖାଇ ପାରିଲା ଭଳି ସ୍ଥାନ ବିଶିଷ୍ଟ "ଦି ୟୁନିଭରସିଟି କଲେଜ ଅଫ୍ ଇଂଜିନିୟରିଂ" ନାମରେ କେବଳ ଗୋଟିଏ ଇଂଜିନିୟରିଂ କଲେଜ ବୁର୍ଲାଠାରେ ରହିଛି । ଏହି କଲେଜ ଉତ୍କଳ ବିଶ୍ୱବିଦ୍ୟାଳୟଦ୍ୱାରା ପରିଚାଳିତ ହେଉଛି । ଦ୍ୱିତୀୟ ଯୋଜନାକାଳ ମଧ୍ୟରେ ଏହି କଲେଜ ୧୯୦ ଜଣ ଇଂଜିନିୟରିଂ ଗ୍ରାଜୁଏଟ୍ ତିଆରି କରି ପାରିବ ବୋଲି ଆଶା କରାଯାଉଛି ।

ତେଣୁ ଆବଶ୍ୟକ ସଂଖ୍ୟକ ଇଂଜିନିୟର ପାଇବା ନିମନ୍ତେ ଆମ ଛାତ୍ରଙ୍କୁ ରାଜ୍ୟ ବାହାରେ ଥିବା ଇଂଜିନିୟରିଂ ଓ କାରିଗରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ପଠାଇବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ରାଜ୍ୟ ସରକାର ଓଡ଼ିଶା ଛାତ୍ରମାନଙ୍କ ପାଇଁ ରାଜ୍ୟ ବାହାରେ ଥିବା କେତେକ ଅନୁଷ୍ଠାନରେ କେତେକ ସ୍ଥାନ ସଂରକ୍ଷଣ କରିଛନ୍ତି । ଏହା ବ୍ୟତୀତ, ଉକ୍ତ କଲେଜଗୁଡ଼ିକରେ ପ୍ରତିବର୍ଷ ନାମ ଲେଖାଇବା ଉଦ୍ଦେଶ୍ୟରେ ପ୍ରାର୍ଥୀ ବାଛିବା ନିମନ୍ତେ ହେଉଥିବା ପ୍ରବେଶିକା ପରୀକ୍ଷାରେ ମେଧା ଅନୁସାରେ ଏହି ରାଜ୍ୟର ଛାତ୍ରମାନଙ୍କୁ ଗ୍ରହଣ କରାଯାଏ । ଯେଉଁ ଅନୁଷ୍ଠାନଗୁଡ଼ିକରେ ସ୍ଥାନ ସଂରକ୍ଷଣ କରିବା ନିମନ୍ତେ ଫିସ୍ ଦେବାକୁ ପଡ଼େ ନାହିଁ, ସେହିସବୁ ଅନୁଷ୍ଠାନରେ ଓଡ଼ିଶାର ଛାତ୍ରମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିବା ସକାଶେ ସରକାର ସ୍ଥିର କରିଛନ୍ତି ।

ସରକାରଙ୍କ ପଲିଟିକାଲ ଏଣ୍ଡ ସର୍ଭିସେସ୍ (ଯୋଜନା) ବିଭାଗ, ନିଜ ନିଜ ଖର୍ଚ୍ଚ ବହନ କରି ପାରୁ ନ ଥିବା ଛାତ୍ରମାନଙ୍କୁ ଋଣ-ବୃତ୍ତି ଦିଅନ୍ତି । ଏହି ଅନୁଷ୍ଠାନଗୁଡ଼ିକରେ ଆମ ଛାତ୍ରମାନେ ଦରମା ଦିଅନ୍ତି ଓ ଶିକ୍ଷାର ଅନ୍ୟାନ୍ୟ ଖର୍ଚ୍ଚଗୁଡ଼ିକର ଭାର ନିଜେ ବହନ କରନ୍ତି ।

ପ୍ରଥମ ଯୋଜନାକାଳ ମଧ୍ୟରେ ଓଡ଼ିଶାରୁ [illegible] ଜଣ ଛାତ୍ର ରାଜ୍ୟ ବାହାରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଇଞ୍ଜିନିୟରିଂ ଶିକ୍ଷା ଲାଭ କରିଥିଲେ । ଦ୍ୱିତୀୟ ଯୋଜନାର ପ୍ରଥମ ୩ ବର୍ଷ ମଧ୍ୟରେ [illegible] ଜଣ ଛାତ୍ରଙ୍କୁ ଉଚ୍ଚତର କାରିଗରୀ ଶିକ୍ଷା ଲାଭ କରିବା ନିମନ୍ତେ ବାହାରକୁ ପଠାଯାଇଥିଲା । କେଉଁ କେଉଁ ବର୍ଷରେ କେତେ ଛାତ୍ର ବିଭିନ୍ନ ଅନୁଷ୍ଠାନରେ ଶିକ୍ଷା ଲାଭ କରିଥିଲେ ତାହା ନିମ୍ନରେ ପ୍ରଦତ୍ତ ହେଲା:—

୧୯୫୬-୫୭

| ଅନୁଷ୍ଠାନର ନାମ | ସ୍ଥାନ ପାଇଥିବା ଛାତ୍ରଙ୍କ ସଂଖ୍ୟା |
| --- | --- |
| କଲେଜ ଅଫ୍ ଇଂଜିନିୟରିଂ, ଶିବପୁର | ୨ |
| କଲେଜ ଅଫ୍ ଇଂଜିନିୟରିଂ ଏଣ୍ଡ୍ ଟେକ୍ନୋଲୋଜି, ଯାଦବପୁର | ୧୯ |
| ବିରଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଞ୍ଚି ... | ୮ |
| ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଖଡ଼ଗପୁର ... | ୨୨ |
| ଇଣ୍ଡିଆନ୍ ସ୍କୁଲ ଅଫ୍ ମାଇନିଂ ଏଣ୍ଡ ଆପ୍ଲାଏଡ୍ ଜିଓଲୋଜି, ଧାନବାଦ୍ ... | ୨ |

...ଷ୍ଟୋରିଆ ଜୁବିଲି ଟେକ୍‌ନିକାଲ
...ନ୍‌ଷ୍ଟିଚ୍ୟୁଟ୍, ବମ୍ବେ ... ୭
...ଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍
...ଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି,
...ଡ୍ରାଜ ... ... ୫
...ପାର୍ଟମେଣ୍ଟ୍ ଅଫ୍ କେମିକାଲ
...ଟେକ୍ନୋଲୋଜି, ବମ୍ବେ ବିଶ୍ୱବିଦ୍ୟାଳୟ ୨
...ସେଇଲ୍ ଇଂଜିନିୟରିଂ ଟ୍ରେନିଂ କଲେଜ,
...ଲିକତା ୨
...ପି. କଲେଜ, ଗୁଇଣ୍ଡି, ମାଡ୍ରାଜ ୧
...ଲେଜ ଅଫ୍ ମାଇନିଂ ଏଣ୍ଡ ମେଟାଲର୍ଜି,
...ନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ... ୨
...ରା ସିନ୍‌ଜୀ ପଲି ଟେକ୍‌ନିକ, ଭବା
...ଗର ... ... ୨
...ଲେଜ ଅଫ୍ ଇଂଜିନିୟରିଂ, ପୁନା ୧
...କ୍ରିଷ୍ଟ ମିଶନ ଷ୍ଟୁଡେଣ୍ଟସ୍ ହୋମ,
...ଡ୍ରାଜ ... ... ୨
...ର୍ଣ୍ଣମେଣ୍ଟ୍ ପଲିଟେକ୍‌ନିକ, କୋଇମ୍ବାଟୁର ୧
...ମ୍. ଆଇ. ଟି., ମାଡ୍ରାଜ ... ୮
...ଜେ.ଜେ. ସ୍କୁଲ ଅଫ୍ ଆର୍ଟସ, ବମ୍ବେ ୧
...ଲେଜ ଅଫ୍ ଇଂଜିନିୟରିଂ, ତ୍ରିବାନ୍ଦ୍ରମ୍ ୩
...ର୍ଣ୍ଣମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଡାଇଙ୍ଗ୍
...ଣ୍ଡ କାଲିକୋ ପ୍ରିଣ୍ଟି, ଲୁଧିଆନା... ୧
...ନିଭର୍ସିଟି କଲେଜ, ୱାଲଟିଅର ୨
...ହାର କଲେଜ ଅଫ୍ ଇଂଜିନିୟରିଂ, ପାଟନା ୫
...ଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ,
...ବାଙ୍ଗାଲୋର ... ... ୩
...ଆର୍. ଟେକ୍‌ନିକାଲ ଟ୍ରେନିଂ ଇନଷ୍ଟିଚ୍ୟୁଟ୍
...ଦମଦମ୍ ... ... ୨
...କଲେଜ ଅଫ୍ ଇଂଜିନିୟରିଂ, ବନାରସ
...ହିନ୍ଦୁ ବିଶ୍ୱବିଦ୍ୟାଳୟ ... ୨

ବିରଳା କଲେଜ ଅଫ୍ ଇଂଜିନିୟରିଂ,
ପିଲାନି ... ... ୮
ପଞ୍ଜାବ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ସଟାଇଲ
ଟେକ୍ନୋଲୋଜି, ଅମୃତସର ... ୨
ସ୍କୁଲ ଅଫ୍ ପ୍ରିଣ୍ଟିଂ ଟେକ୍ନୋଲୋଜି, କଲିକତା ୨
ଟେକ୍ନୋଲୋଜିକାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍
ଟେକ୍ସଟାଇଲସ ଭିୱାନି ... ୧
ମୋଟ ... ୧୧୮

୧୯୫୭-୫୮

କଲେଜ ଅଫ୍ ଇଂଜିନିୟରିଂ, ବନାରସ
ହିନ୍ଦୁ ବିଶ୍ୱବିଦ୍ୟାଳୟ ... ୮
ଡିପାର୍ଟମେଣ୍ଟ ଅଫ୍ କେମିକାଲ
ଟେକ୍ନୋଲୋଜି, ବମ୍ବେ ... ୧
ଗଭର୍ଣ୍ଣମେଣ୍ଟ ପଲି ଟେକ୍‌ନିକ, କୋଇମ୍ବାଟୁର ୧
କଲେଜ ଅଫ୍ ଇଂଜିନିୟରିଂ ଏଣ୍ଡ
ଟେକ୍ନୋଲୋଜି, ଯାଦବପୁର ... ୧୦
ଶ୍ରୀ ବି. ପଲିଟେକ୍‌ନିକ୍, ଭବାନଗର ୨
କଲେଜ ଅଫ୍ ଇଂଜିନିୟରିଂ ଏଣ୍ଡ
ମେଟାଲର୍ଜି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୭
ସେଣ୍ଟ ଜାଭିଅର୍ସ କଲେଜ, ବମ୍ବେ ୨
ଶ୍ରୀ ଜେ. ଜେ. ସ୍କୁଲ ଅଫ୍ ଆର୍ଟସ୍, ବମ୍ବେ ୨
ମାଡ୍ରାସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ୧
ଏଆର ଟେକ୍‌ନିକାଲ ଟ୍ରେନିଂ
ଇନ୍‌ଷ୍ଟିଚ୍ୟୁଟ, ଦମ୍‌ଦମ୍ ... ୩
ବେଙ୍ଗଲ ଇଂଜିନିୟରିଂ କଲେଜ, ଶିବପୁର ୩
ଭି. ଟି. ଟି. ଇନଷ୍ଟିଚ୍ୟୁଟ, ବମ୍ବେ ... ୧
ଆଇ.ଆଇ. ଏଣ୍ଡ ଟି, ମାଦ୍ରାଜ ... ୧୧
ଆଇ. ଆଇ. ଏସ୍., ବାଙ୍ଗାଲୋର ... ୮
ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି,
ଖଡ୍ଗପୁର ... ... ୭

| | |
|---|---|
| ଏ. ସି. କଲେଜ, ଗୁଇଣ୍ଡି, ମାନ୍ଦ୍ରାଜ | ୪ |
| ଇଉନିଭରସିଟି କଲେଜ, ଓ୍ୱାଲଟିଅର | ୨ |
| ଦିଲ୍ଲୀ ପଲିଟେକ୍ନିକ, ... | ୨ |
| ଇଣ୍ଡିଆନ ସ୍କୁଲ ଅଫ୍ ମାଇନିଂ, ଧାନବାଦ | ୪ |
| ବିର୍ଲା ଇନଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଞ୍ଚି ... ... | ୪ |
| ମୋଟ | ୨୪ |

୧୯୫୮-୫୯

| | |
|---|---|
| ଇଣ୍ଡିଆନ ଇନଷ୍ଟିଟ୍ୟୁଟ ଅଫ୍ ଟେକ୍ନୋଲୋଜି, ଖଡ଼ଗପୁର ... | ୧୧ |
| ବେଙ୍ଗଲ ଇଂଜିନିୟରିଂ କଲେଜ, ଶିବପୁର | ୩ |
| ଇଣ୍ଡିଆନ ସ୍କୁଲ ଅଫ୍ ମାଇନିଂ ଏଣ୍ଡ ଜିଓଲୋଜି, ଧାନବାଦ ... | ୪ |
| ଭି. ଜେ. ଟି. ଇନଷ୍ଟିଟ୍ୟୁଟ, ବମ୍ବେ | ୩ |
| କଲେଜ ଅଫ୍ ଇଂଜିନିୟରିଂ ଏଣ୍ଡ ଟେକ୍ନୋଲୋଜି, ଯାଦବପୁର ... | ୩ |
| କଲେଜ ଅଫ୍ ଇଂଜିନିୟରିଂ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ... | ୪ |
| ଡ଼ିପାର୍ଟମେଣ୍ଟ ଅଫ୍ କେମିକାଲ ଟେକ୍ନୋଲୋଜି, ବମ୍ବେ ବିଶ୍ୱବିଦ୍ୟାଳୟ ... | ୧ |
| କଲିକତା ବିଶ୍ୱବିଦ୍ୟାଳୟ ... | ୧ |
| ଇଉନିଭରସିଟି କଲେଜ, ଓ୍ୱାଲଟିଅର | ୭ |
| କଲେଜ ଅଫ୍ ମାଇନିଂ ଏଣ୍ଡ ମେଟାଲର୍ଜି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ... | ୭ |
| ଜେ. ଜେ. ସ୍କୁଲ ଅଫ୍ ଆର୍ଟସ, ବମ୍ବେ | ୧ |
| ପଞ୍ଜାବ ଇନଷ୍ଟିଟ୍ୟୁଟ ଅଫ୍ ଟେକ୍ସଟାଇଲସ୍ ଟେକ୍ନୋଲୋଜି, ଅମୃତସର ... | ୧ |
| ବିର୍ଲା ଇନଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଞ୍ଚି | ୫ |
| କଲେଜ ଅଫ୍ ଇଞ୍ଜିନିୟରିଂ, ତ୍ରିଭାନ୍ଦ୍ରମ୍ | ୧ |
| ଏ. ସି. କଲେଜ, ଗୁଇଣ୍ଡି, ମାନ୍ଦ୍ରାଜ ... | ୧ |
| ଇଣ୍ଡିଆନ୍ ଇନଷ୍ଟିଟ୍ୟୁଟ୍ ଅଫ୍ ସାଇନ୍ସ, ବାଙ୍ଗାଲୋର ... | ୫ |
| ଶ୍ରୀ ଜେ. ସି. ଆର୍ ପଲିଟେକ୍ନିକ, ବାଙ୍ଗାଲୋର | ୧ |
| ସେଣ୍ଟ ଜାଭିଅର୍ସ ଟେକ୍ନିକାଲ ଇନଷ୍ଟିଟ୍ୟୁଟ୍, ବମ୍ବେ ... | ୧ |
| ମାନ୍ଦ୍ରାସ ଇନଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମାନ୍ଦ୍ରାଜ ... | ୩ |
| ଗଭର୍ଣ୍ଣମେଣ୍ଟ ପଲିଟେକ୍ନିକ, କୋଇମ୍ବାଟୁର | ୧ |
| ଏଆର୍ ଟେକ୍ନିକାଲ ଇନଷ୍ଟିଟ୍ୟୁଟ୍, ଦମ୍ଦମ୍ | ୨ |
| ମୋଟ | ୬୮ |

ଇଞ୍ଜିନିଅରିଂ ଓ କାରିଗରୀ ବିଦ୍ୟା ସମ୍ପର୍କିତ ବିଷୟଗୁଡ଼ିକରେ ଉଚ୍ଚତର ଶିକ୍ଷା ଲାଭ କରିବା ପାଇଁ ୧୯୫୯-୬୦ ପାଠ୍ୟ-କାଳ ମଧ୍ୟରେ ଆହୁରି ଅଧିକ ସଂଖ୍ୟକ ଛାତ୍ରଙ୍କୁ ଓଡ଼ିଶା ବାହାରକୁ ପଠାଇବାର ପ୍ରସ୍ତାବ ହୋଇଛି । ଯେଉଁ ବ୍ୟକ୍ତିମାନେ ରାଜ୍ୟ ବାହାରେ ଦିଆଯାଉଥିବା ଉଚ୍ଚତର କାରିଗରୀ ଶିକ୍ଷା ସମ୍ବନ୍ଧରେ ଆଗ୍ରହୀ, ସେମାନଙ୍କ ଅବଗତି ନିମିତ୍ତ ଓଡ଼ିଶା ବାହାରେ ଥିବା କେତେକ କାରିଗରୀ ଶିକ୍ଷାନୁଷ୍ଠାନ ବିଷୟରେ କେତୋଟି ତଥ୍ୟ ନିମ୍ନରେ ପ୍ରଦତ୍ତ ହେଲା:—

## ୧ । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଖଡ଼ଗପୁର

ଏହି ଅନୁଷ୍ଠାନଟି ଜାତି, ବର୍ଣ୍ଣ, ଶ୍ରେଣୀ, ଧର୍ମମତ ନିର୍ବିଶେଷରେ ଉଭୟ ସ୍ତ୍ରୀ ଓ ପୁରୁଷମାନଙ୍କ ପାଇଁ ଉନ୍ମୁକ୍ତ ।

ଅନୁଷ୍ଠାନରେ ନିମ୍ନଲିଖିତ ପାଠ୍ୟ-କ୍ରମ ନିମନ୍ତେ ବ୍ୟବସ୍ଥା ରହିଛି :—

(୧) ବ୍ୟାଚେଲର୍ ଅଫ୍ ଟେକ୍ନୋଲୋଜି (ବି. ଟେକ୍) (କ) କୃଷି ସମ୍ବନ୍ଧୀୟ ଇଞ୍ଜିନିଅରିଂ, (ଖ) ସିଭିଲ୍ ଇଞ୍ଜିନିଅରିଂ, (ଗ) ରସାୟନିକ ଇଞ୍ଜିନିଅରିଂ, (ଘ) ବୈଦ୍ୟୁତିକ ଇଞ୍ଜିନିଅରିଂ, (ଙ) ଧାତୁ ବିଶୋଧନ ସମ୍ବନ୍ଧୀୟ ଇଞ୍ଜିନିଅରିଂ, (ଚ) ଖଣି ସମ୍ବନ୍ଧୀୟ

ଇଞ୍ଜିନିୟରିଂ, ଓ (ଛ) ନାଭାଲ୍ ଆର୍କିଟେକ୍ଚର୍ ଓ ମାରାଇନ୍ ଇଞ୍ଜିନିୟରିଂଗୁଡ଼ିକରେ ଉପାଧି ।

(୨) ବ୍ୟାଚଲର୍ ଅଫ୍ ସାଇନ୍ସ (ବି. ଏସ୍. ସି), ଭୂତତ୍ତ୍ୱ ଓ ଭୂକେନ୍ଦ୍ରତତ୍ତ୍ୱରେ ଉପାଧି ।

ପ୍ରତିବର୍ଷ ଜୁଲାଇ ମାସରେ ପାଠ୍ୟ-କାଳ ଆରମ୍ଭ ହୁଏ । ଦରଖାସ୍ତଗୁଡ଼ିକ ନିର୍ଦ୍ଧାରିତ ଫାରମରେ ଠିକ୍-ଭାବେ ପୂରଣ କରାଯାଇ 'ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର (ଏକାଡ଼େମିକ୍), ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ପୋ: ଅ:—ଖଡ଼ଗପୁର, ଦ: ପୂ: ରେଲୱାଇ'ଙ୍କ ଠିକଣାରେ ପ୍ରତିବର୍ଷ ମାର୍ଚ୍ଚ ମାସ ମଧ୍ୟରେ ପହଞ୍ଚିବା ଦରକାର । ନିଜ ଠିକଣା ଲେଖାହୋଇଥିବା ଓ ଡାକ ଟିକଟ ନ ଥିବା ଅନ୍ତତଃ "୯×୪" ଆକାରର ଗୋଟିଏ ଲଫାପା ଓ "ଆପ୍ଲିକେଶନ୍ ଫର୍ ଆଡ୍‌ମିଶନ୍" ଲେଖାଯାଇଥିବା କଭର ସହିତ ଉପ-ରିଲିଖିତ ବ୍ୟକ୍ତିଙ୍କ ନିକଟକୁ ଲିଖିତ ଅନୁରୋଧ ପଠାଇଲେ ଦରଖାସ୍ତ ଫାରମ ଓ ଅନ୍ୟାନ୍ୟ ବିବରଣୀ ମିଳି ପାରିବ ।

ପ୍ରବେଶିକା ପରୀକ୍ଷା :—

ଦେଶସାରା ନିମ୍ନଲିଖିତ ବିଭିନ୍ନ କେନ୍ଦ୍ରରେ ପ୍ରତିବର୍ଷ ମେ ମାସରେ ଯେଉଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୁଏ, ତାହାର ଫଳ ଉପରେ ନିର୍ଭର କରାଯାଇ ନାମ ଲେଖାଇବା ପାଇଁ ପ୍ରାର୍ଥୀ ବଛାଯାନ୍ତି । ନାମ ଲେଖାଇବା ପାଇଁ ଚୂଡ଼ାନ୍ତଭାବେ ବଛା ଯିବା ନିମନ୍ତେ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ଇନଷ୍ଟିଚ୍ୟୁଟ୍‌ରେ ଅନୁଷ୍ଠିତ ଗୋଟିଏ ମୌଖିକ ପରୀକ୍ଷା ଓ ଡାକ୍ତରୀ ପରୀକ୍ଷା ଦେବାକୁ ପଡ଼େ ।

୧ । ଗୌହାଟି
୨ । କାକିନାଡ଼ା
୩ । ସିକନ୍ଦରାବାଦ
୪ । ବମ୍ବେ
୫ । ପାଟନା
୬ । ଦିଲ୍ଲୀ
୭ । ବାଙ୍ଗାଲୋର
୮ । ଭୁବନେଶ୍ୱର
୯ । ବ୍ରହ୍ମପୁର
୧୦ । କଟକ
୧୧ । ଜୟପୁର
୧୨ । ଅଗରତଲା
୧୩ । ତ୍ରିବାନ୍ଦ୍ରମ
୧୪ । ତ୍ରିଚୁର
୧୫ । ଇମ୍ଫାଲ
୧୬ । ମାନ୍ଦ୍ରାଜ
୧୭ । କାନପୁର
୧୮ । ବାରାଣସୀ
୧୯ । ଆଗ୍ରା
୨୦ । ହାବଡ଼ା
୨୧ । ଖଡ଼ଗପୁର

## ପ୍ରବେଶିକା ପରୀକ୍ଷା ନିମନ୍ତେ ଯୋଗ୍ୟତା

ପ୍ରବେଶିକା ପରୀକ୍ଷାରେ ଯୋଗ ଦେବାକୁ ଇଚ୍ଛୁକ ଥିବା ଶିକ୍ଷାର୍ଥୀ କୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ କିମ୍ବା କୌଣସି ବୋର୍ଡ଼ରୁ ପଦାର୍ଥବିଜ୍ଞାନରେ, ରସାୟନ ଓ ଗଣିତ ଶାସ୍ତ୍ରରେ ଆଇ. ଏସ୍. ସି ପାଶ କରିଥିବେ, କିମ୍ବା ପ୍ରାକ୍‌ଇଞ୍ଜିନିୟରିଂ ପାଠ୍ୟ-କ୍ରମରେ ପାଶ କରିଥିବେ, କିମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ ବା ଗଣିତରେ ୩ ବର୍ଷିଆ ଡିଗ୍ରୀ ପାଠ୍ୟ ସଫଳତା ସହକାରେ ସମ୍ପୂର୍ଣ୍ଣ କରିଥିବେ । ସ୍ଥାପତ୍ୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ, ଯେଉଁ ପ୍ରାର୍ଥୀମାନେ ଗଣିତ ସହିତ କଳାରେ ଇଣ୍ଟର-ମିଡ଼ିଏଟ ପରୀକ୍ଷା ପାଶ କରିଥିବେ, କିମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶେଷ ପରୀକ୍ଷାରେ ପାଶ କଲାପରେ ଗଣିତରେ ୩ ବର୍ଷିଆ ଉପାଧି ପାଠ୍ୟକ୍ରମର ପ୍ରଥମ ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବେ, ସେହିମାନେ ମଧ୍ୟ ଉପଯୁକ୍ତ ବିବେଚିତ ହେବ ।

ଯେଉଁ ପ୍ରାର୍ଥୀମାନେ ଇଣ୍ଟରମିଡ଼ିଏଟ୍ ପରୀକ୍ଷା ଦେଇଛନ୍ତି କିମ୍ବା ତତ୍ତୁଲ୍ୟ ଯୋଗ୍ୟତା ହାସଲ କରିଛନ୍ତି କିମ୍ବା ମେ' ମାସ ପୂର୍ବରୁ ଉକ୍ତ ପରୀକ୍ଷାଗୁଡ଼ିକରୁ କୌଣସିଟି ଦେବାର ସମ୍ଭାବନା ଅଛି, ସେମାନେ ମଧ୍ୟ ଏଥିପାଇଁ ଆବେଦନ କରିବାକୁ ଏବଂ ପ୍ରବେଶିକା ପରୀକ୍ଷାରେ ବସିବାକୁ ହକଦାର ହେବେ; କିନ୍ତୁ ସେମାନେ ଇଣ୍ଟରମିଡ଼ିଏଟ୍ ବା ତତ୍ତୁଲ୍ୟ ଯୋଗ୍ୟତା ନିର୍ଣ୍ଣାୟକ ପରୀକ୍ଷାରେ ପାଶ କରିବେ ଏବଂ ମୌଖିକ ପରୀକ୍ଷା ବେଳେ ଏଥିର ପ୍ରମାଣ ସ୍ୱରୂପ ପ୍ରାମାଣିକ

ଦଲିଲପତ୍ର ଦାଖଲ କରିବେ, ଏହି ସର୍ତ୍ତରେ ଉକ୍ତ ଅନୁଷ୍ଠାନରେ ସେମାନଙ୍କ ନାମ ଲେଖାଯାଇ ପାରିବ ।

ବୟସ-ସୀମା:—ପ୍ରାର୍ଥୀମାନଙ୍କ ବୟସର ସର୍ବନିମ୍ନ ଓ ସର୍ବାଧିକ ସୀମା ଜୁଲାଇ ପହିଲାରେ ଯଥାକ୍ରମେ ୧୭ ଓ ୨୧ ବର୍ଷ ଭିତରେ ହୋଇଥିବ । କେବଳ ତଫସିଲ-ଭୁକ୍ତ ଜାତି ଓ ତଫସିଲ-ଭୁକ୍ତ ସମ୍ପ୍ରଦାୟ ଓ ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀ ଏବଂ ସ୍ଥାନଚ୍ୟୁତ ପ୍ରାର୍ଥୀମାନଙ୍କ ପକ୍ଷେ ସର୍ବୋଚ୍ଚ ବୟସ ସୀମା ସମ୍ପର୍କୀୟ କଟକଣା ୨୪ ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇପାରେ ।

କେବଳ ନିର୍ଦ୍ଧାରିତ ଫାରମ୍‌ରେ ହିଁ ଦରଖାସ୍ତ ଦେବାକୁ ହେବ । ପ୍ରତ୍ୟେକ ଦରଖାସ୍ତ ସହିତ ଟ ୧୦, ମୂଲ୍ୟର କ୍ରସ୍‌ଡ୍ ଇଣ୍ଡିଆନ୍ ପୋଷ୍ଟାଲ ଅର୍ଡ଼ର ପଠାଇବାକୁ ହେବ । ଖଡ଼ଗପୁର ଟେକ୍ନୋଲୋଜି ପୋଷ୍ଟଅଫିସରେ ଦରଖାସ୍ତ, ରେଜିଷ୍ଟ୍ରୀ ଫିସ୍ ଓ ପ୍ରବେଶିକା ପରୀକ୍ଷା ଫିସ୍ ସବୁ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି'ଙ୍କ ନାମରେ ଏହା ଜମା ଦିଆଯିବ । ଏହି ପୋଷ୍ଟାଲ୍ ଅର୍ଡ଼ର ସହିତ, ଦରଖାସ୍ତ ଫାରମ ସାଙ୍ଗରେ ପଠାଇ ଦିଆଯାଇଥିବା 'ପ୍ରାର୍ଥୀମାନଙ୍କୁ ନିର୍ଦ୍ଦେଶ''ରେ ବର୍ଣ୍ଣିତ ଅନ୍ୟାନ୍ୟ ଦଲିଲମାନ ଦାଖଲ କରିବାକୁ ହେବ । କୌଣସି ମତେ ଏହି ଫିସ୍ ଫେରସ୍ତ ମିଳିବ ନାହିଁ । ଯେଉଁ ପ୍ରାର୍ଥୀମାନଙ୍କ ଦରଖାସ୍ତ ଅସମ୍ପୂର୍ଣ୍ଣ ଥିବ, ଯେଉଁମାନଙ୍କ ନିମ୍ନତମ ଯୋଗ୍ୟତା ନ ଥିବ, କିମ୍ବା ଯେଉଁମାନଙ୍କ ଦରଖାସ୍ତ ନିର୍ଦ୍ଧାରିତ ତାରିଖ ପରେ କିମ୍ବା ଯଥାଯଥ ପୋଷ୍ଟାଲ୍ ଅର୍ଡ଼ର ବ୍ୟତୀତ ପହଞ୍ଚିବ ସେମାନଙ୍କ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ବିଭିନ୍ନ ପାଠ୍ୟକ୍ରମ ପାଇଁ ନିର୍ଦ୍ଧାରିତ ମୋଟ ସ୍ଥାନ ସଂଖ୍ୟା ନିମ୍ନରେ ଦିଆଗଲା :—

| | |
|---|---|
| ୧ । ସିଭିଲ୍ ଇଞ୍ଜିନିୟରିଂ | ୧୦୦ |
| ୨ । ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂ | ୭୫ |
| ୩ । ମେକାନିକାଲ୍ ଇଞ୍ଜିନିୟରିଂ | ୭୫ |
| ୪ । ମେଟାଲର୍ଜିକାଲ୍ ଇଞ୍ଜିନିୟରିଂ | ୨୫ |
| ୫ । ଆଗ୍ରିକଲ୍‌ଚରାଲ ଇଞ୍ଜିନିୟରିଂ | ୩୦ |
| ୬ । କେମିକାଲ୍ ଇଞ୍ଜିନିୟରିଂ | ୧୫ |
| ୭ । ମାଇନିଂ ଇଞ୍ଜିନିୟରିଂ | ୨୫ |
| ୮ । ନାଭାଲ୍ ଆର୍କିଟେକ୍‌ଚର ଓ ମାରାଇନ୍ ଇଞ୍ଜିନିୟରିଂ | ୧୨ |
| ୯ । ଆର୍କିଟେକ୍‌ଚର୍ | ୩୦ |
| ୧୦ । ଜିଓଲୋଜି ଓ ଜିଓ ଫିଜିକ୍‌ସ | ୨୦ |
| ମୋଟ | ୪୦୭ |

## ଅନୁଷ୍ଠାନରେ ନାମ ଲେଖାଇବା

ପ୍ରବେଶିକା ପରୀକ୍ଷାର ଫଳ ଏବଂ ତତ୍‌ପରବର୍ତ୍ତୀ ମୌଖିକ ପରୀକ୍ଷାର ଭିତ୍ତି ଉପରେ ପ୍ରାର୍ଥୀଙ୍କର ମେଧା ନିରୂପଣ କରାଯାଇ ଠିକ୍ ସେହି କ୍ରମରେ ଅନୁଷ୍ଠାନରେ ପ୍ରାର୍ଥୀମାନଙ୍କ ନାମ ଲେଖାଇ ଦିଆଯାଏ । କିନ୍ତୁ ଯେଉଁ ସବୁ ରାଜ୍ୟରେ ଉଚ୍ଚତର ଇଞ୍ଜିନିୟରିଂ ଓ କାରିଗରୀ ଅଧ୍ୟୟନ ପାଇଁ ଉପଯୁକ୍ତ ସୁବିଧା ନାହିଁ ସେହିଭଳି ରାଜ୍ୟ ସକାଶେ ଏବଂ ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ସଂପ୍ରଦାୟ ଓ ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀର ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ କେତେକ ସ୍ଥାନ ସଂରକ୍ଷିତ ଅଛି ।

## ଛାତ୍ରବୃତ୍ତି

ମେଧାବୀ ଓ ଅନ୍ୟଥା ଉପଯୁକ୍ତ ଛାତ୍ରମାନଙ୍କୁ ଏହି ଅନୁଷ୍ଠାନ ମାସିକ ଟ ୨୫, ମୂଲ୍ୟର ଛାତ୍ରବୃତ୍ତି ଦିଏ । କିନ୍ତୁ ନାମ ଲେଖାଇବା ମୋଟ ଛାତ୍ର ସଂଖ୍ୟାର ଏକ ଚତୁର୍ଥାଂଶ ମାତ୍ର ଏହି ଛାତ୍ରବୃତ୍ତି ପାଆନ୍ତି । ପାଠ୍ୟ-ବର୍ଷ ଆରମ୍ଭ ହେବାର ଏକ ମାସ ମଧ୍ୟରେ ଅନୁଷ୍ଠିତ ଛାତ୍ରବୃତ୍ତି ପରୀକ୍ଷାର ଫଳାଫଳ ଉପରେ ଏହି ସାହାଯ୍ୟ ଦିଆଯାଇଥାଏ ।

## ୨ । ବନାରସ ହିନ୍ଦୁ-ବିଶ୍ୱବିଦ୍ୟାଳୟ:—
## ମାଇନିଂ ଓ ମେଟାଲର୍ଜି କଲେଜ

ନାମ ଲେଖାଇବା ପାଇଁ ନିମ୍ନତମ ଯୋଗ୍ୟତା— ଆଇ. ଏସ୍. ସି । ଦରଖାସ୍ତ ଦେବାର ଶେଷ ତାରିଖ—

୨୦ ଜୁନ । କଲେଜର ଅଧ୍ୟକ୍ଷଙ୍କ ନିକଟରୁ ଦରଖାସ୍ତ ଫାରମ୍ ମିଳି ପାରିବ ।

"ମ୍ୟାନେଜର, ବନାରସ ହିନ୍ଦୁ ଇଉନିଭରସିଟି ପ୍ରେସ ବୁକ୍ ଡିପୋଟ୍, ବନାରସ ହିନ୍ଦୁ ଇଉନିଭରସିଟି"ଙ୍କ ନିକଟରେ ଟ ୨୲୵ ଦାଖଲ କଲେ ଅନୁଷ୍ଠାନ-ପତ୍ର ମିଳି ପାରିବ ।

## ଆନ୍ଧ୍ର ଇଉନିଭର୍ସିଟି କଲେଜ, ଓ୍ୱାଲଟିଅର

ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ ୨ଟି ଶିଳ୍ପ-ବିଜ୍ଞାନ ସମ୍ପର୍କୀୟ କଲେଜ ଅଛି । ଯଥା:—(୧) ଜୟପୁର ବିକ୍ରମଦେବ କଲେଜ ଅଫ୍ ସାଇନ୍ସ ଏଣ୍ଡ୍ ଟେକ୍ନୋଲୋଜି ଓ (୨) ଏଡ୍ମିରାଲ୍ କଲେଜ ଅଫ୍ ନାଚରାଲ୍ ସାଇନ୍ସେସ ।

ସର୍ବନିମ୍ନ ଯୋଗ୍ୟତା—ଆଇ. ଏସ୍.ସି. । ଦରଖାସ୍ତ ପଠାଇବାର ଶେଷ ତାରିଖ—ଜୁନ ତା ୧୦ ରିଖ ।

## ୪ । ବିହାର ଇଞ୍ଜିନିୟରିଂ କଲେଜ, ପାଟନା

ସିଭିଲ, ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ବି. ଏସ୍. ସି. (ଇଞ୍ଜି) ଡିଗ୍ରି ପାଇଁ ପାଟଣା ବିଶ୍ୱବିଦ୍ୟାଳୟରେ ଛାତ୍ରମାନଙ୍କୁ ଗ୍ରହଣ କରାଯାଏ । ୪ ବର୍ଷ ଯାଏ ତାତ୍ତ୍ୱିକ ଶିକ୍ଷା ଏବଂ ୧ ବର୍ଷ ପର୍ଯ୍ୟନ୍ତ ବ୍ୟାବହାରିକ ଶିକ୍ଷା ଦିଆଯାଏ ।

ସର୍ବନିମ୍ନ ଯୋଗ୍ୟତା :—ପଦାର୍ଥ, ରସାୟନ ଏବଂ ଗଣିତ ବିଦ୍ୟା ସହ ଆଇ. ଏସ୍. ସି. ପାଶ୍ ।

ଆଠଅଣା ପଇସା ଦେଲେ କଲେଜରୁ ଦରଖାସ୍ତ ଫାରମ ମିଳିପାରିବ ।

## ୫ । ବିହାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି, ସିନ୍ଦ୍ରି

ନିମ୍ନଲିଖିତ ବିଷୟମାନଙ୍କରେ ଏହି ଅନୁଷ୍ଠାନରେ ୪ ବର୍ଷ ପାଇଁ ଡିଗ୍ରି ପାଠ୍ୟକ୍ରମ ବିଷୟରେ ଶିକ୍ଷା ଦିଆଯାଏ । (୧) ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ, (୨) ମେକାନିକାଲ ଇଞ୍ଜିନିୟରିଂ ଏବଂ (୩) ପ୍ରଡକ୍ସନ୍ ଇଞ୍ଜିନିୟରିଂ ।

ସର୍ବନିମ୍ନ ଯୋଗ୍ୟତା :—ଗଣିତ, ରସାୟନ ଏବଂ ପଦାର୍ଥ ବିଜ୍ଞାନ ସହ ଆଇ. ଏସ୍. ସି. ପାଶ୍ । ଦରଖାସ୍ତ ଦେବାର ଶେଷ ତାରିଖ—ଜୁନ ତା ୩ ରିଖ, ସୋମବାର ।

## ୬ । ବିରଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି, ରାଞ୍ଚି

(ମେକାନିକାଲ, ଇଲେକ୍ଟ୍ରିକାଲ ଅଟୋମୋବାଇଲ, କୃଷି ଏବଂ ଟେଲିକମ୍ୟୁନିକେଶନ) ବି.ଏସ୍.ସି. ଓ ଇଞ୍ଜିନିୟରିଂ ପାଇଁ ଛାତ୍ରମାନଙ୍କୁ ଶିକ୍ଷା ଦିଆଯାଏ ।

ପାଠ୍ୟକ୍ରମର ସମୟ—୪ ବର୍ଷ ।

ଟଙ୍କା ମୂଲ୍ୟର ଛକମରା ଯାଇଥିବା ପୋଷ୍ଟାଲ ଅର୍ଡ଼ର ଅଧ୍ୟକ୍ଷଙ୍କ ନିକଟକୁ ପଠାଇଲେ ଅନୁଷ୍ଠାନ ପତ୍ର ଏବଂ ଦରଖାସ୍ତ ଫାରମ (ଅନୁଷ୍ଠାନ ପତ୍ର ପାଇଁ ଟ୨୯ ଏବଂ ଦରଖାସ୍ତ ଫାରମ ପାଇଁ ଟ ୧୯) ମାନ ମିଳିପାରିବ । ଦରଖାସ୍ତ ପଠାଇବାର ଶେଷ ତାରିଖ—ମଇ ମାସ ତା ୩୧ରିଖ—ସର୍ବନିମ୍ନ ଯୋଗ୍ୟତା—ଗଣିତ ପଦାର୍ଥ ଏବଂ ରସାୟନ ବିଦ୍ୟାରେ ଆଇ. ଏସ୍. ସି. ପାଶ୍ ।

## ୭ । ମାନ୍ଦ୍ରାଜ ଟେକ୍‌ନୋଲୋଜି ଇନଷ୍ଟିଚ୍ୟୁଟ୍, ମାନ୍ଦ୍ରାଜ

ଶିକ୍ଷା ଦିଆଯାଉଥିବା ବିଷୟ- (/) ଏରୋନଟିକାଲ ଇଞ୍ଜିନିୟରିଂ (୶) ଅଟୋମୋବାଇଲ ଇଞ୍ଜିନିୟରିଂ (୶/) ଇଲେକ୍‌ଟ୍ରୋନିକସ୍ ଏବଂ (।) ଇନଷ୍ଟ୍ରୁମେଣ୍ଟ ଟେକନୋଲୋଜି ।

ସର୍ବନିମ୍ନ ଯୋଗ୍ୟତା :—ବିଜ୍ଞାନରେ ଉପାଧି ।

ଟ୧୯ ପଠାଇଲେ ଅନୁଷ୍ଠାନର ରେଜିଷ୍ଟ୍ରାର, ପୋ: ଅ:—କ୍ରୋମପେଟ୍, ଜିଲ୍ଲା—ଚେଙ୍ଗଲପୁଟଙ୍କଠାରୁ ନାମ ଲେଖାଇବା ପାଇଁ ନିର୍ଦ୍ଦିଷ୍ଟ ଦରଖାସ୍ତ ଫାରମ ମିଳିପାରିବ ।

ବର୍ଷ —ଜୁଲାଇ ପହିଲା ତାରିଖରୁ ଆରମ୍ଭ ହୁଏ ଏବଂ ଏପ୍ରିଲ ତା ୩୦ ଖରେ ଶେଷ ହୁଏ ।

ବୟସ ସୀମା—ନାମ ଲେଖା ସମୟରେ ୨୨ ବର୍ଷ ବୟସ । ଉଚ୍ଚତର ଶିକ୍ଷା ଥିବା ପ୍ରାର୍ଥୀମାନଙ୍କ ପାଇଁ ଏହା କୋହଳ କରାଯାଇପାରେ ।

## ୮ । ବେଙ୍ଗଲ ଇଞ୍ଜିନିୟରିଂ କଲେଜ, ଶିବପୁର, ପୋ: ଅ: ବଟାନିକ୍ ଗାର୍ଡ଼ନ, ଜିଲ୍ଲା—ହାବଡ଼ା

ଶିକ୍ଷା ଦିଆଯାଉଥିବା ବିଷୟ :—ସିଭିଲ, ମେକାନିକାଲ, ଇଲେକ୍‌ଟ୍ରିକାଲ, ଧାତୁ ପରିଷ୍କରଣ, (ମେଟାଲର୍ଜି) ଇଞ୍ଜିନିୟରିଂ ଏବଂ ସ୍ଥାପତ୍ୟ ବିଦ୍ୟା ସମ୍ପର୍କରେ ଉପାଧି ପାଠ୍ୟକ୍ରମ, ସହର ଏବଂ ଆଞ୍ଚଳିକ ଯୋଜନାରେ ସ୍ନାତକୋତ୍ତର ପାଠ୍ୟକ୍ରମ, ନୌ-ସ୍ଥାପତ୍ୟ ଏବଂ ସାମୁଦ୍ରିକ ଇଞ୍ଜିନିୟରିଂ, ସିଭିଲ, ମେକାନିକାଲ, ଇଲେକ୍‌ଟ୍ରିକାଲ ଏବଂ ଧାତୁପରିଷ୍କରଣ (ମେଟାଲର୍ଜି) ଇଞ୍ଜିନିୟରିଂରେ ମାଷ୍ଟର ଇଞ୍ଜିନିୟରିଂ ପାଠ୍ୟକ୍ରମ ।

ଯୋଗ୍ୟତା ଏବଂ ବୟସ ସୀମା —ଉପାଧି ପାଠ୍ୟକ୍ରମ ପାଇଁ ଆଇ· ଏସ. ସି· ପାଶ,—ନାମ ଲେଖାଉଥିବା ବର୍ଷର ଜାନୁଆରୀ ତା ୧ରିଖ ଦିନ ବୟସ ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବ—ବିଶେଷ କ୍ଷେତ୍ରରେ ୨ ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇପାରେ ।

ଗୋଟିଏ ସରକାରୀ ଟ୍ରେଜେରୀ ବା ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆଙ୍କ ନିକଟରେ ଟଙ୍କ ଡିପୋଜିଟ ରଖିବାର ନିଦର୍ଶନ ସ୍ୱରୂପ ଚାଲାଣ ସହିତ ନିର୍ଦ୍ଦିଷ୍ଟ ଦରଖାସ୍ତ ଫାରମରେ ଦରଖାସ୍ତ ପଠାଇବାକୁ ପଡ଼ିବ ।

ବଛାବଛି ପରୀକ୍ଷା :—ପ୍ରତ୍ୟେକ ହକଦାର ପ୍ରାର୍ଥୀଙ୍କୁ ଗୋଟିଏ ଲିଖିତ ବଛାବଛି ପରୀକ୍ଷା ଦେବାକୁ ହେବ । ଏହା ସଙ୍ଗେ ସଙ୍ଗେ ପ୍ରାର୍ଥୀମାନଙ୍କୁ ଆଗ୍ରହ ଓ ମୌଖିକ ପରୀକ୍ଷା ଦେବାକୁ ହେବ । ଓଡ଼ିଶାର ଛାତ୍ରମାନଙ୍କ ପାଇଁ କଟକଠାରେ ଲିଖିତ ପରୀକ୍ଷା କରାଯାଏ ।

## ୯ । କଲେଜ ଅଫ୍ ଟେକ୍‌ନୋଲଜି, କଲିକତା ବିଶ୍ୱବିଦ୍ୟାଳୟ

ଯୋଗ୍ୟତା —ଆପ୍ଲାଏଡ଼୍ ଫିଜିକ୍‌ସ ପାଇଁ ନିମ୍ନଲିଖିତ ବିଷୟମାନଙ୍କରୁ ଗୋଟିଏ ବିଷୟ ସହିତ ବି. ଏସ୍. ସି. ପାଶ୍ ।

ଗଣିତ, ପରିସଂଖ୍ୟାନ, ରସାୟନ ଶାସ୍ତ୍ର ।

ଅଧ୍ୟୟନ ପାଠ୍ୟକ୍ରମ :—ଆପ୍ଲାଏଡ଼ ଫିଜିକ୍‌ସରେ ଏମ୍. ଏସ୍. ସି. (ଟେକ୍‌ନିକାଲ) ଡିଗ୍ରି ପାଇଁ ୩ ବର୍ଷ ।

## ୧୦ । ଯାଦବପୁର ବିଶ୍ୱବିଦ୍ୟାଳୟ

ପୋ: ଅ: ଯାଦବପୁର, କଲିକତା —୩୨ କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକନୋଲଜି ।

ଅଧ୍ୟୟନ ପାଠ୍ୟକ୍ରମ—ଇଲେକଟ୍ରିକାଲ, ମେକାନି-କାଲ ଏବଂ ମେକାନିକାଲ ଇଞ୍ଜିନିୟରିଂରେ ଉପାଧି ଓ ସ୍ନାତକୋତ୍ତର ପାଠ୍ୟକ୍ରମ—ପାଠ୍ୟକ୍ରମର ସମୟ ୪ ବର୍ଷ ।

ଉପାଧି ପାଠ୍ୟକ୍ରମ ପାଇଁ ନାମ ଲେଖା:—ନିମ୍ନତମ ଯୋଗ୍ୟତା—ପଦାର୍ଥ ବିଦ୍ୟା, ରସାୟନ ଶାସ୍ତ୍ର ଓ ଗଣିତ ସହ ଆଇ.ଏସ୍.ସି ପାଶ । ଆଇ.ଏସ.ସି ପ୍ରାର୍ଥୀ-ମାନଙ୍କ ପାଇଁ ବୟସ ସୀମା—୧୭ରୁ ୨୦ ବର୍ଷ ଏବଂ ବି.ଏସ.ସି ପ୍ରାର୍ଥୀମାନଙ୍କ ପାଇଁ ୧୭ରୁ ୨୨ ବର୍ଷ ।

ପୋଷ୍ଟାଲ ଅର୍ଡ଼ରରେ ରେଜେଷ୍ଟ୍ରେସନ ଫିସ୍ ବାବଦକୁ ଟଙ୍କ ସହ ଅଧ୍ୟକ୍ଷଙ୍କଠାରୁ ମିଳୁଥିବା ନିର୍ଦ୍ଧାରିତ ଫାରମରେ ଏପ୍ରିଲ ତା ୩୦ ଖ ମଧ୍ୟରେ ଦରଖାସ୍ତ ଦେବାକୁ ହେବ ।

ଓଡ଼ିଶା ଛାତ୍ରମାନଙ୍କ ପାଇଁ ସ୍ଥାନ—ମେକାନିକାଲ ଇଂଜିନିୟରିଙ୍ଗ୍‌ରେ ୪ଟି ଏବଂ ଇଲେକ୍‌ଟ୍ରିକାଲ ଇଂଜିନିୟରିଙ୍ଗ୍‌ରେ ୫ଟି ସ୍ଥାନ ଓଡ଼ିଶାର ଛାତ୍ରମାନଙ୍କ ପାଇଁ ରିଜର୍ଭ ରଖାଯାଇଅଛି କିନ୍ତୁ ଏହା ବର୍ଷକୁ ବର୍ଷ ବଦଳି ଥାଏ ।

# ବିହନ ବୁଣା ଠାରୁ
# ଫସଲ ଅମଳ ଯାଏ ଆପଣଙ୍କ
# ଫସଲକୁ ରକ୍ଷା କରନ୍ତୁ



ଧାନ, ବାଜରା, ଗହମ, ଜୋଃ, ତୁଲା ଓ ଚିନାବାଦାମର ସଫଳକ୍ଷିତ
ଅଙ୍କୁରୋଦ୍‌ଗମ ପାଇଁ ଓ ଶିହଜନକାର ଜୀବାଣୁ ସମୂହର ନିୟନ୍ତ୍ରଣ ପାଇଁ

## "ଆଗ୍ରୋସନ" ଜି ଏନ୍

**ବ୍ୟବହାର କରନ୍ତୁ**

ଆପଣଙ୍କ ଫସଲକୁ କୀଟ ପତଙ୍ଗାଦିଙ୍କ ଦାଉରୁ ରକ୍ଷା କରିବା ପାଇଁ

## "ଟେଗମାକ୍‌ସିନ"

ଏହି ଔଷଧ ଶତକଡ଼ା ୫ ଭାଗ, ୧୦ ଭାଗ ଓ ୫୦ ଭାଗ ଗୁଣ ଭାବରେ ମିଳେ ।
ଏହା ପାଣିରେ ମିଶେଇ ଯାଏ ନାହିଁ ।

ଇମ୍ପିରିଆଲ କେମିକାଲ ଇଣ୍ଡଷ୍ଟ୍ରୀଜ (ଇଣ୍ଡିଆ)
ପ୍ରାଇଭେଟ ଲିମିଟେଡ
କଲିକତା ବୋମ୍ବାଇ ମାଡ୍ରାସ ନୂଆ ଦିଲ୍ଲୀ

ICI



# କମ୍ୟୁନିଟି ରେଡ଼ିଓ ରଖିଥିବା ଅନୁଷ୍ଠାନମାନଙ୍କ ଜାଣିବା କଥା

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ପକ୍ଷରୁ ବଣ୍ଟାଯାଇଥିବା କମ୍ୟୁନିଟି ରେଡ଼ିଓଗୁଡ଼ିକ ଯେଉଁ ଅନୁଷ୍ଠାନମାନଙ୍କ ନିକଟରେ ରହିଛି ବା ଭବିଷ୍ୟତରେ ଯେଉଁମାନଙ୍କ ନିକଟରେ ରହିବ, ସେମାନଙ୍କ ସୁବିଧା ପାଇଁ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ପକ୍ଷରୁ ପ୍ରତି ଜିଲ୍ଲା ପାଇଁ ଜଣେ ଜଣେ ରେଡ଼ିଓ ଇନ୍‌ସପେକ୍ଟର ନିଯୁକ୍ତ ହୋଇଛନ୍ତି । ସେମାନେ ରେଡ଼ିଓଗୁଡ଼ିକ ଠିକ୍ କରି ଦେବେ ଏବଂ ଦରକାର ବେଳେ ରେଡ଼ିଓଗୁଡ଼ିକ ବିନା ଫିସ୍‌ରେ ମରାମତି କରିଦେବେ । ଆବଶ୍ୟକୀୟ ରେଡ଼ିଓ ପାର୍ଟସ ମାରଫତଦାରଙ୍କୁ ଯୋଗାଇବାକୁ ପଡ଼ିବ । ରେଡ଼ିଓ ଇନ୍‌ସପେକ୍ଟରଙ୍କ ନାମ ଓ ହେଡ୍‌କ୍ୱାର୍ଟରସ 'ଉତ୍କଳ ପ୍ରସଙ୍ଗ'ରେ ଆଗରୁ ଜଣାଇ ଦିଆଯାଇଛି । ରେଡ଼ିଓ କିଛି ଖରାପ ହେଲେ ଜିଲ୍ଲା ଲୋକସମ୍ପର୍କ ବିଭାଗ ଅଫିସରଙ୍କୁ ଜଣାଇଲେ ସେମାନେ ଆସି ମରାମତି କରିଦେବେ । ରେଡ଼ିଓ ସଂପର୍କୀୟ ଆବଶ୍ୟକୀୟ ସମ୍ବାଦ ରେଡ଼ିଓ ଇନ୍‌ସପେକ୍ଟରମାନଙ୍କଠାରୁ ମିଳ ପାରିବ ।

ଯେଉଁମାନେ ରେଡ଼ିଓ ପାଇଁ ଆଗତୁରା ଟଙ୍କା ପଠାଇବାକୁ ଚାହାନ୍ତି, ସେମାନେ ଆସେମ୍ବ୍ଲି ସଭ୍ୟ, ଗ୍ରାମ୍ୟ ପଞ୍ଚାୟତର ସରପଞ୍ଚ କିମ୍ବା କୌଣସି ଗେଜେଟେଡ୍ ଅଫିସରଙ୍କର ଏବଂ ଅନ୍ୟାନ୍ୟ ଗ୍ରାମ୍ୟ ସୁପାରିସ ସହ ଟ ୨୫୯ ଜିଲ୍ଲା ଲୋକସମ୍ପର୍କ ଅଫିସରଙ୍କଠାରେ ଜମା ଦେଇ ପାରନ୍ତି । ପ୍ରତି ରେଡ଼ିଓ ପାଇଁ ବର୍ଷକୁ ୨ଟି ବ୍ୟାଟେରୀ ଦରକାର ହେବ ଓ ତାର ଦାମ ଆନୁମାନିକ ଟ ୧୦୦୯ ହେବ ଓ ଲାଇସେନ୍‌ସ ପାଇଁ ଟ ୧୦୯ ପଡ଼ିବ—ଏହିପରି **ବାର୍ଷିକ ଟ ୧୨୦୯ ଦେବାଭଳି ଯେଉଁ ଅନୁଷ୍ଠାନମାନଙ୍କର ଶକ୍ତି ଥିବ, କେବଳ ସେହିମାନେ ରେଡ଼ିଓ ପାଇଁ ଟଙ୍କା ଜମା କରି ଦରଖାସ୍ତ କରିବା ଦରକାର ।**

---

**୧୧ । ଏୟାର ଟେକନିକାଲ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ କଲିକତା ବିମାନଘାଟି**

କେଉଁ ବୃତ୍ତି ଶିକ୍ଷା ଦିଆଯାଏ—(୧) ଏୟାର କ୍ରାଫ୍ଟମେଣ୍ଟିନାନ୍ସ ଇଂଜିନିୟରିଙ୍ଗ, (୨) ଅଟୋମୋବାଇଲ ସର୍ଭିସ ଇଞ୍ଜିନିୟରିଙ୍ଗ୍, (୩) ମାଷ୍ଟର ଏରୋନଟିକ୍ସ, (୪) ଡିଜେଲ ଏଣ୍ଡ ଟ୍ରାକ୍ଟର ମେକାନିକ୍ସ (୫) ମାଷ୍ଟର ଅଟୋମେକାନିକ୍ସ, (୬) ମାଷ୍ଟର ଡିଜେଲ୍ ଏଣ୍ଡ ଟ୍ରାକ୍ଟର ମେକାନିକ୍ସ, (୭) ରେଫ୍ରିଜେରେସନ୍ ଏଣ୍ଡ ଏୟାର କଣ୍ଡିସନ ସର୍ଭିସ ଇଞ୍ଜିନିୟରିଙ୍ଗ୍, (୮) ମାଷ୍ଟର ରେଫ୍ରିଜେରେସନ୍ ମେକାନିକ୍ସ, (୯) ରେଡିଓ ସର୍ଭିସ ଇଞ୍ଜିନିୟରିଙ୍ଗ୍, (୧୦) ମାଷ୍ଟର ରେଡିଓ ମେକାନିକ୍ସ (୧୧) ମେସିନ୍ ସପ୍ ଇଞ୍ଜିନିୟରିଙ୍ଗ୍, (୧୨) ମେକାନିକାଲ ଡ୍ରାଫ୍ଟସ୍‌ମ୍ୟାନ ।

ଯୋଗ୍ୟତା—ଏୟାର କ୍ରାଫ୍ଟ ମେଣ୍ଟିନାନ୍ସ ଇଞ୍ଜିନିୟରିଙ୍ଗ୍-ଆଇ.ଏସ.ସି.—୨ ବର୍ଷିଆ ପାଠ୍ୟକ୍ରମ । ମାଷ୍ଟର ଏରୋ-ମେକାନିକ୍ସ ପାଇଁ—ମାଟ୍ରିକ୍ୟୁଲେଶନ କମ୍ବା ତତ୍ତୁଲ୍ୟମାନ—୩ ବର୍ଷିଆ ପାଠ୍ୟକ୍ରମ ।

ଅଟୋମୋବାଇଲ ସର୍ଭିସ ଇଞ୍ଜିନିୟରିଙ୍ଗ୍ ପାଇଁ—ମାଟ୍ରିକ୍ୟୁଲେଶନ କମ୍ବା ତତ୍ତୁଲ୍ୟମାନ—୩ ବର୍ଷିଆ ପାଠ୍ୟକ୍ରମ । ମାଷ୍ଟର ଅଟୋମେକାନିକ୍ସ ପାଇଁ—ମାଟ୍ରିକ୍ୟୁଲେସନ୍ । ଇଂରାଜୀରେ ଭଲ ଜ୍ଞାନ ଥିଲେ ନନ୍-ମାଟ୍ରିକ୍ୟୁଲେଟଙ୍କୁ ନିଆଯାଇ ପାରେ । ୨ ବର୍ଷିଆ ପାଠ୍ୟକ୍ରମ ।

**୧୨ । ମେରାଇନ୍ ଇଞ୍ଜିନିୟରିଙ୍ଗ୍ ଟ୍ରେନିଙ୍ଗ୍, କଲିକତା :—**

( ନିଉ ତାରାତୋଲ୍ଲା ରୋଡ୍, କଲିକତା—୨୭ )

ଯୋଗ୍ୟତା—ଗଣିତସହ ଆଇ. ଏସ. ସି., ୨ୟ ଶ୍ରେଣୀ ।

ବୟସ:ନାମ ଲେଖା ବର୍ଷର ମାର୍ଚ୍ଚ ତା ୧ ଖରେ ୧୫½ ବର୍ଷରୁ କମ୍ ଏବଂ ୧୯ ବର୍ଷରୁ ବେଶୀ ହୋଇ ନ ଥିବ ।

ଦରଖାସ୍ତ ଫାରମ—ଡିରେକ୍ଟରଙ୍କଠାରୁ ନିର୍ଦ୍ଧାରିତ ଦରଖାସ୍ତ ଫାରମ ମିଳିପାରିବ । ପ୍ରତ୍ୟେକ ବର୍ଷ ମଇ ଏବଂ ଜୁନ ମାସ ମଧ୍ୟରେ ଦରଖାସ୍ତ ଦେବାକୁ ହେବ ।

**୧୩ । ଭିକ୍ଟୋରିଆ ଜୁବିଲି ଟେକ୍‌ନିକାଲ ଇନ୍‌ଷ୍ଟିଚ୍ୟୁଟ୍ ବମ୍ବେ:—**

(କ) ଡିପ୍ଲୋମା ପାଠ୍ୟକ୍ରମ—(୧) ମେକାନିକାଲ ଇଞ୍ଜିନିୟରିଙ୍ଗ୍, (୨) ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଙ୍ଗ, (୩) ଟେକ୍ସଟାଇଲ ମାନୁଫାକଚର (ତୁଳା), (୪) ଟେକ୍ସଟାଇଲ କେମିଷ୍ଟ୍ରି (ରଙ୍ଗ କରିବା, ସଫା କରିବା ସାଇଜ କରିବା) ସହିତ ଟେକନିକାଲ ଏବଂ ଆପ୍ଲାଏଡ୍ କେମିଷ୍ଟ୍ରି । ଖାଦ୍ୟ ସମ୍ପର୍କୀୟ ରସାୟନ ବିଦ୍ୟା । ତୈଳ, ଚର୍ବି ଏବଂ ସେହି ସମ୍ବନ୍ଧୀୟ ଶିଳ୍ପ-ବିଦ୍ୟା (୫) ସାନିଟାରି ଇଞ୍ଜିନିୟରିଙ୍ଗ ଏବଂ ପ୍ଲମ୍ବିଙ୍ଗ ।

ପାଠ୍ୟକ୍ରମ—୪ ବର୍ଷ ବୟସ-ସୀମା :—ସର୍ବନିମ୍ନ ୧୬ । ଯୋଗ୍ୟତା-ମାଟ୍ରିକ୍ୟୁଲେସନ କମ୍ବା ତତ୍ତୁଲ୍ୟମାନ ।

ଡାଇରେକ୍ଟର ଅଫ୍ ଇଣ୍ଡଷ୍ଟ୍ରିଜ, ଓଡ଼ିଶାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଇଞ୍ଜିନିୟରିଂ ସ୍କୁଲରେ ପ୍ରବେଶିକା ପରୀକ୍ଷା ହୁଏ ।

ଅନୁଷ୍ଠାନର ଅଧ୍ୟକ୍ଷଙ୍କ ନିକଟରୁ ମିଳୁଥିବା ନିର୍ଦ୍ଦିଷ୍ଟ ଫାରମରେ ମଇ ମାସ ୩ୟ ସପ୍ତାହ ମଧ୍ୟରେ ଦରଖାସ୍ତ ପଠାଇବା ଉଚିତ୍ ।

(ଖ) ଡିଗ୍ରି ପାଠ୍ୟକ୍ରମ—ମେକାନିକାଲ ଏବଂ ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂ ଏବଂ ଟେକ୍‌ସଟାଇଲ ମାନୁଫାକଚର, ବୟସ ସୀମା-ଆଇ.ଏସ.ସି. ଛାତ୍ରମାନଙ୍କ ପାଇଁ ୧୭ରୁ ୨୧ ବର୍ଷ ମଧ୍ୟରେ ଏବଂ ବି.ଏସ.ସି ଛାତ୍ରମାନଙ୍କ ପାଇଁ ୧୭ରୁ ୨୨ ବର୍ଷ ମଧ୍ୟରେ । ସର୍ବନିମ୍ନ ଯୋଗ୍ୟତା ଆଇ. ଏସ. ସି. ।

**୧୪ । ଡିପାର୍ଟମେଣ୍ଟ ଅଫ୍ କେମିକାଲ ଟେକ୍‌ନୋଲଜି-ବମ୍ବେ ବିଶ୍ୱବିଦ୍ୟାଳୟ**

ପାଠ୍ୟକ୍ରମ—ବି.ଏସ.ସି. (ଟେକ) ଡିଗ୍ରି ପାଇଁ—ବସ୍ତ୍ର ସମ୍ପର୍କୀୟ ରସାୟନ ଶାସ୍ତ୍ର, ଖାଦ୍ୟ ଶିଳ୍ପ

ସମ୍ପର୍କୀୟ ବିଜ୍ଞାନ, ମିଶ୍ରଣ ଏବଂ ରଙ୍ଗ ସମ୍ପର୍କୀୟ ବିଜ୍ଞାନ, ପ୍ଲାଷ୍ଟିକ ସମ୍ପର୍କୀୟ ବିଜ୍ଞାନ, ରଙ୍ଗ ଖାଡ଼ (ପିଗ୍‌ମେଣ୍ଟ), ରଙ୍ଗ ଏବଂ ବାର୍ଣ୍ଣିସ ବିଜ୍ଞାନ, ତୈଳ, ଚର୍ବି ଏବଂ ମହମ ସମ୍ପର୍କୀୟ ବିଜ୍ଞାନ, ଟେକନୋଲଜି ଅଫ ଫର୍ମାସିଉଟିକାଲସ ଏଣ୍ଡ ଫାଇନ କେମିକାଲସ ।

ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ୨ ବର୍ଷ ସମୟ । ସର୍ବନିମ୍ନ ଯୋଗ୍ୟତା—ରସାୟନ ଶାସ୍ତ୍ର ସହ ବି ଏସ·ସି· ପାଶ ।

କେମିକାଲ ଇଞ୍ଜିନିୟରିଂ ଡିଗ୍ରି ପାଇଁ—କେମିକାଲ ଇଞ୍ଜିନିୟରିଂରେ ୪ ବର୍ଷିଆ ପାଠ୍ୟକ୍ରମ, ଯୋଗ୍ୟତା-ଗଣିତ, ରସାୟନ ଓ ପଦାର୍ଥ ବିଜ୍ଞାନ ସହ ଆଇ· ଏସ. ସି· ପାଶ ।

## ୧୫ । ଟେକନିକାଲ ଇନଷ୍ଟିଚ୍ୟୁଟ - ସେଣ୍ଟ ଜେଭିୟର୍ସ କଲେଜ, ବମ୍ବେ:—

୫ ଲୁଇଏଷାଙ୍କ ରୋଡ୍, ବମ୍ବେ—୧

(କ) ସାର୍ଟିଫିକେଟ ପାଠ୍ୟକ୍ରମ—(୧) ଜେନେରାଲ ରେଡ଼ିଓ ଫିଜିକସ୍ ଏବଂ ଇଲେକଟ୍ରିକାଲ ଟେକନୋଲଜି କୋର୍ସ—୧ ବର୍ଷ, (୨) ରେଡ଼ିଓ ସର୍ଭିସିଂ କୋର୍ସ—୧ ବର୍ଷ, (୩) ଓ୍ୱାରଲେସ ଟେଲିଗ୍ରାଫି—୧ ବର୍ଷ, (୪) ସାଉଣ୍ଡ ଇଞ୍ଜିନିୟରିଂ—୨ ବର୍ଷ, (୫) ସିନେମା ପ୍ରୋଜେକସନ-ଏକ ବର୍ଷ ।

(ଖ) ଡିପ୍ଲୋମା ପାଠ୍ୟକ୍ରମ:ରେଡିଓ ଇଞ୍ଜିନିୟରିଙ୍ଗ ୨ ବର୍ଷ

ସମସ୍ତ ସାର୍ଟିଫିକେଟ ପାଠ୍ୟକ୍ରମ ପାଇଁ ଯୋଗ୍ୟତା ହେଉଛି ମାଟ୍ରିକ ପର୍ଯ୍ୟନ୍ତ ସାଧାରଣ ଭାବରେ ପାଠ ପଢ଼ିଥିବେ ଏବଂ ଇଂରାଜୀରେ ଭଲ ଜ୍ଞାନ ଥିବ । ଡିପ୍ଲୋମା ପାଠ୍ୟକ୍ରମ ପାଇଁ ପଦାର୍ଥ ବିଜ୍ଞାନ ଓ ଗଣିତ ବିଜ୍ଞାନ ସହ ସର୍ବନିମ୍ନ ଆଇ.ଏସ.ସି ପାଶ କରିଥିବେ ।

ଜୁନ ତା ୮ ରିଖ ସୁଦ୍ଧା ମନୋନୟନ ପାଇଁ ଟ୧୦୧ ଏବଂ ୪ଟି ପାସପୋର୍ଟ ସାଇଜ ଫଟୋ ସହିତ ଦରଖାସ୍ତ ପଠାଯିବା ଉଚିତ । ସେଉଁମାନଙ୍କର ନାମ ଲେଖାଯିବ ନାହିଁ, ସେମାନଙ୍କୁ ମନୋନୟନ ବାବଦ ଟଙ୍କା ଫେରସ୍ତ ମିଳିବ ।

## ୧୬ । ବିରଲା ଇଞ୍ଜିନିୟରିଙ୍ଗ୍ କଲେଜ୍, ପିଲାନି, ରାଜସ୍ଥାନ:—

ପାଠ୍ୟକ୍ରମ—ମେକାନିକାଲ ଏବଂ ଇଲେକଟ୍ରିକାଲ ଇଞ୍ଜିନିୟରିଂଠାରୁ ବ୍ୟାଚଲର ଅଫ୍ ଇଞ୍ଜିନିୟରିଂ ମଧ୍ୟରେ । ଏକ ବର୍ଷ ବ୍ୟାବହାରିକ ଶିକ୍ଷା ସହ ୪ ବର୍ଷର ପାଠ୍ୟକ୍ରମ । ଯୋଗ୍ୟତା ଆଇ.ଏସ.ସି. । ବୟସ ସୀମା—୧୭ରୁ ୨୧ ବର୍ଷ ମଧ୍ୟରେ ।

ପୋଷ୍ଟାଲ ଅର୍ଡର ରୂପେ ଟ୨୧ ପଠାଇଲେ ଅଧ୍ୟକ୍ଷଙ୍କଠାରୁ ଅନୁଷ୍ଠାନ ପତ୍ର (ପ୍ରସ୍ପେକ୍ଟସ) ମିଳିପାରିବ ।

# ସମସ୍ତଙ୍କ ଜାଣିବାପାଇଁ

## କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠାନମାନଙ୍କ ଜାଣିବା ପାଇଁ

**ଓଡ଼ିଶାର** ଶିଳ୍ପ ବିଭାଗର ଡିରେକ୍ଟର ଜଣାଇଛନ୍ତି :—

ଏତଦ୍ଦ୍ୱାରା ଓଡ଼ିଶାର କ୍ଷୁଦ୍ରଶିଳ୍ପ ଓ କୁଟୀରଶିଳ୍ପ ପ୍ରତିଷ୍ଠାନମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାରତ ସରକାର ଯେଉଁ ନୂତନ ନୀତି ନିର୍ଦ୍ଧାରଣ କରିଛନ୍ତି ତଦନୁସାରେ ସେମାନେ ଯେଉଁ ସବୁ ଜିନିଷ କିଣିବେ, ସେ ସବୁ ଡି. ଜି. ଏସ୍. ଏଣ୍ଡ୍ ଡି.ଙ୍କ ଜରିଆରେ କିଣାଯିବ ଓ କେବଳ କ୍ଷୁଦ୍ର ଶିଳ୍ପାନୁଷ୍ଠାନମାନଙ୍କଠାରୁ କେତେକ ଦ୍ରବ୍ୟ ଖରିଦ ହେବା ସକାଶେ ଗୋଟିଏ ତାଲିକା ପ୍ରସ୍ତୁତ ହୋଇ ରଖାଯାଇଛି । ଓଡ଼ିଶାର ଶିଳ୍ପ-ବିଭାଗ ଡିରେକ୍ଟରଙ୍କ ନିକଟକୁ ଦରଖାସ୍ତ କଲେ, ଏହି ତାଲିକା ମିଳିପାରିବ । ଯେଉଁମାନେ ଏହି ସୁଯୋଗ ହାସଲ କରିବାକୁ ଚାହାନ୍ତି, ଡି. ଜି. ଏସ୍. ଏଣ୍ଡ୍. ଡି ଙ୍କ ନିକଟରେ ନିଜର ନାମ ରେଜେଷ୍ଟ୍ରି ଭୁକ୍ତ କରାଇନେବା ପାଇଁ ସେମାନଙ୍କୁ ଅନୁରୋଧ କରାଯାଉଛି । ତାହାହେଲେ ସେମାନେ ଥରକୁ ଥର ତାଙ୍କ ପାଖରୁ ଟେଣ୍ଡର ନୋଟିସ୍ ପାଇ ପାରିବେ । ଜିଲ୍ଲା ଶିଳ୍ପ ଅଫିସର ବା କଟକରେ ଥିବା ସ୍ମଲ ଇଣ୍ଡଷ୍ଟ୍ରିଜ୍ ସର୍ଭିସ୍ ଇନଷ୍ଟିଚ୍ୟୁଟର ଡିରେକ୍ଟର ଓ / କିମ୍ବା କଟକରେ ଥିବା ଶିଳ୍ପ ବିଭାଗ ଡିରେକ୍ଟରଙ୍କ ନିକଟକୁ ଦରଖାସ୍ତ କଲେ ରେଜେଷ୍ଟ୍ରି ଭୁକ୍ତ ହେବାର ଫର୍ମ ଯୋଗାଇ ଦିଆଯିବ । ଉପରୋକ୍ତ ଜିଲ୍ଲା ଶିଳ୍ପ ଅଫିସରମାନଙ୍କ ଜରିଆରେ ନିର୍ଦ୍ଧାରିତ ଫାରମରେ ଓଡ଼ିଶାର ଶିଳ୍ପ ବିଭାଗ ଡିରେକ୍ଟରଙ୍କ ନିକଟକୁ ଦରଖାସ୍ତ କରାଗଲେ ସେ ତାକୁ ଡି. ଜି. ଏସ୍. ଏଣ୍ଡ୍. ଡିଙ୍କ ନିକଟକୁ ପଠାଇ ଦେବେ ।

ଓଡ଼ିଶାର ଶିଳ୍ପ ବିଭାଗ ଡିରେକ୍ଟରଙ୍କ ନିକଟରୁ ଅନ୍ୟ ସମସ୍ତ ବିଶେଷ ବିବରଣୀ ମିଳିପାରିବ ।

---

## ଝାରସୁଗୁଡ଼ା ଓ ରାଉରକେଲାଠାରେ ଶିଳ୍ପ ଅଞ୍ଚଳ

ସମ୍ବଲପୁର ଜିଲ୍ଲାରେ କଲିକତା-ବମ୍ବେ ରେଲ-ପଥର ଝାରସୁଗୁଡ଼ାଠାରେ ଓ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାଠାରେ ଶିଳ୍ପ-ଅଞ୍ଚଳଗୁଡ଼ିକର କାରଖାନା କୋଠାବାଡ଼ିର ନିର୍ମାଣ ଆସନ୍ତା କେତେ ସପ୍ତାହ ମଧ୍ୟରେ ଶେଷ ହୋଇଯିବ । ଏହି କାରଖାନା କୋଠାବାଡ଼ି ତିଆରି ହୋଇ ସାରିବା ପରେ ସେଥିରେ ବିଦ୍ୟୁତ ଶକ୍ତି ଖଞ୍ଜାଯିବ, ମଇଳା ନିଷ୍କାସନର ବ୍ୟବସ୍ଥା କରାଯିବ ଓ ସେଠାକୁ ଜଳଯୋଗାଣ ନଦୀ ଆଣିବାର ବ୍ୟବସ୍ଥା ମଧ୍ୟ କରାଯିବ । ତାହା ପରେ ଅଳ୍ପ ଭଡ଼ାରେ କ୍ଷୁଦ୍ର ଉଦ୍ୟୋଗକାରୀମାନଙ୍କୁ ଘର ଯୋଗାଇ ଦିଆଯିବ । ଉପରୋକ୍ତ ଶିଳ୍ପ ଅଞ୍ଚଳମାନଙ୍କରେ କ୍ଷୁଦ୍ର ଶିଳ୍ପମାନ ସ୍ଥାପନ କରିବା ସକାଶେ ନିମ୍ନଲିଖିତ ଆକାରର ଓ ସଂଖ୍ୟାର କାରଖାନା ଘର ମିଳିବ ।

| | ଝାରସୁଗୁଡ଼ା | ରାଉରକେଲା |
|---|---|---|
| 'ଏ' ଟାଇପ୍ (୩୦ ଫୁଟ × ୨୫ ଫୁଟ) | ୪ | ୫ |
| 'ବି' ଟାଇପ୍ (୬୦ ,, × ୫୦ ,,) | ୬ | ୮ |
| 'ସି' ଟାଇପ୍ (୮୦ ,, × ୬୦ ,,) | ୫ | ୧୨ |

ସେଉଁ ବ୍ୟକ୍ତି ଓ ଅନୁଷ୍ଠାନମାନେ ଉପରୋକ୍ତ ଶିଳ୍ପାଞ୍ଚଳମାନଙ୍କରେ ଉପରିଲିଖିତ ଦରହାରରୁ ଯେକୌଣସିଟି ଭଡ଼ାରେ ନେବାକୁ ଚାହାନ୍ତି ସେମାନେ ଝାରସୁଗୁଡ଼ା ଶିଳ୍ପ ଅଞ୍ଚଳ ପାଇଁ ସମ୍ବଲପୁରର ଜିଲ୍ଲା ଶିଳ୍ପ ଅଫିସର ଓ ରାଉରକେଲା ଶିଳ୍ପାଞ୍ଚଳ ପାଇଁ ସୁନ୍ଦରଗଡ଼ର ଜିଲ୍ଲା ଶିଳ୍ପ ଅଫିସରଙ୍କ ଜରିଆରେ କଟକରେ ଥିବା ଓଡ଼ିଶାର ଶିଳ୍ପ ବିଭାଗ ଡିରେକ୍ଟରଙ୍କ ସହିତ ପତ୍ରାଳାପ କରନ୍ତୁ । ସଂପୃକ୍ତ ଜିଲ୍ଲା ଶିଳ୍ପ ଅଫିସରଙ୍କ ନିକଟରୁ ଏ ସଂପର୍କରେ ବିଶେଷ ବିବରଣୀ ମିଳି ପାରିବ ।

---

## ଅଫିମ ବ୍ୟବହାରକାରୀମାନଙ୍କ ପ୍ରତି

ଓଡ଼ିଶାର ସ୍ୱାସ୍ଥ୍ୟବିଭାଗର ଡାଇରେକ୍ଟର ଜଣାଇଛନ୍ତି:—

ଏତଦ୍ୱାରା ଅଫିମ ବ୍ୟବହାର କରୁଥିବା ଲୋକମାନଙ୍କୁ ଜଣାଇ ଦିଆଯାଉଛି କି ଅଫିମ ସଂକ୍ରାନ୍ତୀୟ ଯେ କୌଣସି ବିଷୟରେ ଉପଯୁକ୍ତ ସମାଧାନ କରିବାକୁ ପ୍ରତ୍ୟେକ ଜିଲ୍ଲାର ସିଭିଲ୍ ସର୍ଜନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ତେଣୁ ସେ ସମ୍ବନ୍ଧରେ କୌଣସି ଦରଖାସ୍ତ ସ୍ୱାସ୍ଥ୍ୟ ବିଭାଗୀୟ ଡାଇରେକ୍ଟରଙ୍କ ପାଖକୁ ନ ପଠାଇ ଜିଲ୍ଲା ସିଭିଲ୍ ସର୍ଜନମାନଙ୍କ ପାଖକୁ ପଠାଇଲେ ସେ ତାର ବିହିତ ବ୍ୟବସ୍ଥା କରିବେ ।

---

## ବୌଦରୁ ସମସ୍ତ ପ୍ରକାର ଗୌନ୍ତିଆ ପ୍ରଥା ଉଠିଲା

ଓଡ଼ିଶାର ରାଜସ୍ୱ ବିଭାଗ ମେ ୯ ତାରିଖରେ ପ୍ରକାଶିତ ଏକ ପ୍ରେସନୋଟରେ ଜଣାଇଛନ୍ତି:—

ସରକାର ନିଷ୍ପତ୍ତି କରିଛନ୍ତି ଯେ ପୂର୍ବତନ ବୌଦ ଷ୍ଟେଟରେ ବର୍ତ୍ତମାନ ପ୍ରଚଳିତ ଥିବା ସର୍ବରାକାର ପ୍ରଥା ଏବଂ ବୌଦ ସବଡିଭିଜନ ଅନ୍ତର୍ଗତ ପୂର୍ବର ଅଞ୍ଚଳ ଜମିଦାରୀରେ ପ୍ରଚଳିତ ଥିବା ସିକମ ଗୌନ୍ତିଆ ଓ ପଞ୍ଚଦାର ପ୍ରଥା ସମେତ ଗୌନ୍ତିଆ ପ୍ରଥା ତା ୧୧-୫-୧୯୫୯ ରିଖରୁ ଉଠାଇ ଦିଆଯିବ । ସର୍ବରାକାର, ଗୌନ୍ତିଆ କାର୍ଯ୍ୟପାଇଁ ଯେଉଁ ଭୋଗରା ଜମି ଖଞ୍ଜା ଯାଇଅଛି, ସେ ଜମି ତା୧-୭-୧୯୫୮ ରିଖରେ ଯାହାର ପ୍ରକୃତ ଦଖଲରେ ଥିଲା ତାହା ସହିତ ଉଚିତ ଧାର୍ଯ୍ୟ ଜମାରେ ସ୍ଥିତିବାନ୍ ସ୍ୱତ୍ୱେ ଜମାବନ୍ଦୀ କରାଯିବ । ମାତ୍ର ଗ୍ରାମ ସଭା ନିମନ୍ତେ ସେହି ଭୋଗରା ଜମିର କେତେକାଂଶ ନିମ୍ନୋକ୍ତ ହାରରେ ରକ୍ଷିତ ରଖାଯିବ:—

ପ୍ରତ୍ୟେକ ଲୋକର ଦଖଲରେ ଥିବା ଜମି ପରିମାଣରୁ କେତେହାରରେ ରକ୍ଷିତ ରଖାଯିବ:—

୧୦ ଏକରରୁ କମ ... କିଛି ନାହିଁ
୧୦ ଏକର ବା ତହିଁରୁ ବେଶୀ, ମାତ୍ର
୩୩ ଏକରରୁ କମ—ଶତକଡ଼ା ୫
୩୩ ଏକର ବା ତହିଁରୁ ବେଶୀ, ମାତ୍ର
୧୦୦ ଏକରରୁ କମ—ଶତକଡ଼ା ୧୦
୧୦୦ ଏକର ବା ତହିଁରୁ ବେଶୀ, ମାତ୍ର
୨୦୦ ଏକରରୁ କମ—ଶତକଡ଼ା ୨୦
୨୦୦ ଏକର ବା ତହିଁରୁ ବେଶୀ—ଶତକଡ଼ା ୩୦

୨ । ସର୍ବରାକାର, ଗୌନ୍ତିଆ ଓ ସେମାନଙ୍କର ଅଂଶୀଦାରଙ୍କ ଦଖଲରେ ଥିବା ଗୌନ୍ତି ଭୋଗରା ବା ଖୁଦଖାସ୍ତ ବା ଅନ୍ୟ ପ୍ରକାର ଜମି, ଯାହାକି ଲେଟେସ ହୁଦେ ବା ସେଥିରେ ସେମାନଙ୍କର ସ୍ଥିତିବାନ ସତ୍ତ୍ୱ ନାହିଁ;ସେ ସବୁ ଜମି ପ୍ରକୃତ ଯାହାର ଦଖଲରେ ଥିବ, ତାହା ସହିତ ରୟତି ଜମାବନ୍ଦୀ କରାଯିବ । କିନ୍ତୁ ଏହା କରାଯିବା ପୂର୍ବରୁ ଦେଖାଯିବ ଯେ ସେ ସବୁ ଜମି ପୂର୍ବରୁ ଅନ୍ୟ କାହାର ଦଖଲରେ ଥିଲା ଏବଂ ଯଦି ସେ ପୂର୍ବତନ ଦଖଲକାରୀ ବା ସେମାନଙ୍କର ଓ୍ୱାରିସ୍‌ଦାର ଥାଆନ୍ତି ଓ ଜମି ସେମାନଙ୍କ ସହିତ ଜମାବନ୍ଦୀ ହେବା ନିମନ୍ତେ ସେମାନେ ଇଚ୍ଛା ପ୍ରକାଶ କରନ୍ତି, ତେବେ ସେମାନଙ୍କ ସହିତ ଜମାବନ୍ଦୀ କରାଯିବ । ଏହି ପ୍ରକାର ଜମିରୁ ଗ୍ରାମ-ସଭା ନିମନ୍ତେ କିଛି ହେଲେ ଜମି ରକ୍ଷିତ ରଖାଯିବ ନାହିଁ ।

୩ । ଅନ୍ୟଥା ପ୍ରମାଣ ନ ହେବା ପର୍ଯ୍ୟନ୍ତ ଗତ ବନ୍ଦୋବସ୍ତରେ ଯେଉଁ ଜମା ଧାର୍ଯ୍ୟ କରାଯାଇଅଛି, ତାହା ଉଚିତ ଜମା ବୋଲି ବିବେଚିତ ହେବ । ଯଦି ଗତ ବନ୍ଦୋବସ୍ତରେ ଜମା ଧାର୍ଯ୍ୟ କରାଯାଇ ନ ଥାଏ କିମ୍ବା ଗତ ବନ୍ଦୋବସ୍ତରେ ଧାର୍ଯ୍ୟ କରାଯାଇଥିବା ଜମା ଉଚିତ ଜମା ନୁହେଁ ବୋଲି ପ୍ରମାଣିତ ହୁଏ, ତେବେ ଉଚିତ ଜମା ଧାର୍ଯ୍ୟ କରିବା ପାଇଁ ସବ୍‌ଡିଭିଜନାଲ ଅଫିସରଙ୍କୁ କ୍ଷମତା ଦିଆଯାଇଛି । ସାଧାରଣତଃ ରେଭିନ୍ୟୁ ମକଦ୍ଦମାରେ ଯେପରି ଅପିଲ କରାଯାଏ, ସବଡିଭିଜନାଲ ଅଫିସରଙ୍କ ନିଷ୍ପତ୍ତି ଉପରେ ମଧ୍ୟ ତଦ୍ରୂପ ଅପିଲ କରାଯାଇ ପାରିବ ।

୪ । ଗ୍ରାମସଙ୍ଘ ନିମନ୍ତେ ଚିହ୍ନିତ ରଖାଯିବା ଜମି ଛଡ଼ା ଅବଶିଷ୍ଟ ଭୋଗରା ଜମି ଉପରେ ସ୍ଥିତିବାନ ସତ୍ତ୍ୱ ଦେବା ନିମନ୍ତେ କଲେକ୍ଟରଙ୍କୁ କ୍ଷମତା ଦିଆଯାଇଅଛି ।

୫ । ସରକାର ନିଷ୍ପତ୍ତି କରିଛନ୍ତି ଯେ, ଭୋଗରା ଜମି ଉପରେ ସ୍ଥିତିବାନ ସତ୍ତ୍ୱ ଦେବା ନିମନ୍ତେ ସଲାମୀ ଧାର୍ଯ୍ୟ କରାଯିବ ନାହିଁ । ଖଣ୍ଡିଏ ପଟ୍ଟାପାଇଁ ତଫସିଲ-ଭୁକ୍ତ ସଂପ୍ରଦାୟ ଓ ତଫସିଲଭୁକ୍ତ ଜାତିର ଲୋକଙ୍କ-ଠାରୁ ଏକଟଙ୍କା ଓ ଅନ୍ୟମାନଙ୍କଠାରୁ ତିନିଟଙ୍କା ଫିସ ଆଦାୟ କରାଯିବ ।

୬ । ଯେଉଁମାନେ ଭୋଗରା ଜମି ଦଖଲ କରୁଛନ୍ତି ସେମାନେ ଯଦି ଭୋଗରା ଜମିକୁ ରୟତିରେ ପାଇବାକୁ ଇଚ୍ଛା କରନ୍ତି, ତେବେ ସେମାନେ ଏହି ସୁଯୋଗରେ ସଂପୃକ୍ତ ଜିଲ୍ଲା କଲେକ୍ଟର ବା ତାହାଙ୍କଦ୍ୱାରା କ୍ଷମତା-ପ୍ରାପ୍ତ ଅନ୍ୟ କୌଣସି ରେଭିନ୍ୟୁ ଅଫିସରଙ୍କୁ ଦରଖାସ୍ତ କରନ୍ତୁ ।

---

## କ୍ଷୁଦ୍ର କାରିଗରମାନଙ୍କୁ ଉତ୍ସାହିତ କରିବାପାଇଁ ସରକାରୀ ବ୍ୟବସ୍ଥା

ଯେଉଁ ଉଦ୍ଭାବନ କୌଶଳ-ସମ୍ପନ୍ନ କ୍ଷୁଦ୍ର କାରିଗର ମାନେ ଯନ୍ତ୍ରପାତି, ଉପକରଣ ଓ କଳକବ୍‌ଜା ପ୍ରସ୍ତୁତର ପୁଙ୍ଖାନୁପୁଙ୍ଖ ବିବରଣ ଓ ପରିମାପ ପ୍ରସ୍ତାବ କରି ସ୍ଥିର କରିପାରିବେ ସେମାନଙ୍କୁ ଉତ୍ସାହ ପ୍ରଦାନ କରିବା ନିମନ୍ତେ ଗୋଟିଏ ଅନୁଷ୍ଠାନ ସ୍ଥାପନ କରିବା ପାଇଁ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ବିବେଚନା କରି ଆସିଛନ୍ତି । କ୍ଷୁଦ୍ର-ଶିଳ୍ପକ୍ଷେତ୍ରରେ ଯେଉଁ ବ୍ୟକ୍ତିମାନଙ୍କର ଉଦ୍ଭାବନ ବିଶିଷ୍ଟ, ଧରଣର ଓ କ୍ଷୁଦ୍ର ଶିଳ୍ପର ଉନ୍ନୟନ ତଥା ବାଣିଜ୍ୟିକ ସଦୁପଯୋଗ ଦିଗରେ ମୂଲ୍ୟବାନ, ସେମାନଙ୍କୁ ପୁରସ୍କାର, ଆର୍ଥିକ ଓ କାରିଗରୀ ସାହାଯ୍ୟ ଦେବାପାଇଁ ସ୍ଥିର କରାଯାଇଛି । ଏହି ଦିଗରେ ଉତ୍ସାହ ପ୍ରଦାନ କରିବା ଉଦ୍ଦେଶ୍ୟରେ କ୍ଷୁଦ୍ରଶିଳ୍ପ ଉନ୍ନୟନ କମିଶନରଙ୍କ ଅଫିସର ସଦର-ମହକୁମାଠାରେ ଗୋଟିଏ କ୍ଷୁଦ୍ର ଉଦ୍ଭାବନ ସମ୍ପର୍କୀୟ ଉନ୍ନୟନ ପରିଷଦ ଓ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ରାଜ୍ୟ ପରିଷଦ ସ୍ଥାପନ କରିବାପାଇଁ ସ୍ୱୀକୃତ ହୋଇଛି । ପୁରସ୍କାର ରୂପେ ବଣ୍ଟନ କରାଯିବା ଓ ଆର୍ଥିକ ତଥା କାରିଗରୀ ସାହାଯ୍ୟ ଦେବା ଉଦ୍ଦେଶ୍ୟରେ ସରକାର ଉନ୍ନୟନ କମିଶନଙ୍କ ମାର୍ଫତରେ ଥରକୁ ଥର ଉପଯୁକ୍ତ ପରିମାଣ ଅର୍ଥ ରଖିବେ ।

୨ । କେନ୍ଦ୍ରୀୟ ପରିଷଦ ଓ ରାଜ୍ୟ ପରିଷଦଗୁଡ଼ିକ ନିମ୍ନଲିଖିତ ଭାବରେ ଗଠିତ ହେବ ଓ ନିମ୍ନଲିଖିତ କାର୍ଯ୍ୟ କରିବ ।

(କ) ଆଞ୍ଚଳିକ ପରିଷଦ:—ଏହି ପରିଷଦରେ ରାଜ୍ୟର କ୍ଷୁଦ୍ରଶିଳ୍ପ ସେବାନୁଷ୍ଠାନର ଡିରେକ୍ଟର, ରାଜ୍ୟର ଶିଳ୍ପ ବିଭାଗ ଡିରେକ୍ଟର, ସଂପୃକ୍ତ ରାଜ୍ୟ ସରକାରଙ୍କ ଦୁଇଜଣ କାରିଗରୀ ବିଦ୍ୟା ବିଶେଷଜ୍ଞ ଓ ଜଣେ କାରିଗରୀ ଅଫିସର ରହିବେ ।

ଉଦ୍ଭାବକମାନେ ପୁରସ୍କାର ଓ ଆର୍ଥିକ ସାହାଯ୍ୟ ପାଇବା ନିମନ୍ତେ ସେମାନଙ୍କ ଉଦ୍ଭାବନଗୁଡ଼ିକୁ ରାଜ୍ୟ-ପରିଷଦଙ୍କୁ ଦୃଷ୍ଟିକୁ ଆଣିବେ । ରାଜ୍ୟପରିଷଦ ଯନ୍ତ୍ରପାତି କଳକବ୍‌ଜା ବା ଅନ୍ୟ କୌଣସି ଉଦ୍ଭାବନଗୁଡ଼ିକର ଟିକିନିଖି ବିଷୟରେ ଏବଂ ସେଗୁଡ଼ିକର ଉପଯୋଗିତା

ସମ୍ବନ୍ଧରେ ପ୍ରାରମ୍ଭିକ କାରିଗରୀ ଯାଞ୍ଚ କରିବେ । ଯଦି ଉପଯୋଗିତା ଦୃଷ୍ଟିରୁ ଏହା ସାହାଯ୍ୟ ପାଇବାପାଇଁ ଉପଯୁକ୍ତ ବୋଲି ଦେଖାଯିବ ତେବେ ରାଜ୍ୟପରିଷଦ କେନ୍ଦ୍ରୀୟ ପରିଷଦଙ୍କୁ ଏପରି ଉଦ୍ଭାବନ ପାଇଁ ଆର୍ଥିକ ସାହାଯ୍ୟ, କାରିଗରୀ ସାହାଯ୍ୟ ଓ/ବା ପୁରସ୍କାର ଦେବା ନିମନ୍ତେ ସୁପାରିଶ କରିବେ ।

(ଖ) କେନ୍ଦ୍ରୀୟ ପରିଷଦ:—କେନ୍ଦ୍ରୀୟ ପରିଷଦଟି "କ୍ଷୁଦ୍ର-ଉଦ୍ଭାବନ ଉନ୍ନୟନ ପରିଷଦ" ରୂପେ ନାମିତ ହେବ ଓ ଏଥିରେ ନିମ୍ନଲିଖିତ ସଭ୍ୟମାନେ ରହିବେ ।

୧ । ଶ୍ରୀ ଏମ.ଏସ. ଥାକ୍‌କର, ବୈଜ୍ଞାନିକ ଗବେଷଣା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରାଳୟର ସେକ୍ରେଟାରୀ ।

୨ । ଶ୍ରୀ ନରେନ୍ଦ୍ର ବାହାଦୁର, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ଜଏଣ୍ଟ ସେକ୍ରେଟେରୀ ।

୩ । ଡଃ, ବି.ଡ଼ି କାଲେଲକର, ସିନିୟର୍ ଇଣ୍ଡଷ୍ଟ୍ରିଆଲ ଆଡ଼ଭାଇଜର୍ (ଇଞ୍ଜିନିୟରିଂ), ଡେଭଲପ୍‌ମେଣ୍ଟ ଉଇଙ୍ଗ୍ ।

୪ । ଡଃ, ଲଲ୍.ସି. ବର୍ମନ, ନୂଆଦିଲ୍ଲୀର ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ସ ଇନଷ୍ଟିଚ୍ୟୁସନର ଡିରେକ୍ଟର ।

୫ । ଶ୍ରୀ ଏନ.ଏନ.ଦସ୍ତୁର, ମାନେଜିଂ ଡିରେକ୍ଟର, ମେସର୍ସ ଦସ୍ତୁର ଏଣ୍ଡ କୋଃ (ପ୍ରା) ଲିମିଟେଡ଼୍, ପି ୧୬, ମିଶନରୋଡ଼, କଲିକତା ।

୬ । ଶ୍ରୀ ଟି.ଆର.ଗୁପ୍ତ, ମେସର୍ସ ଜଏ ଇଞ୍ଜିନିୟରିଂ ଓ୍ୱାର୍କସ ଲିମିଟେଡ଼, ୧୮୩-ପ୍ରିନ୍‌ସ ଅନଓ୍ୱାର-ଶାହାରୋଡ଼, କଲିକତା-୩୧ ।

୭ । ଶ୍ରୀ ପି.ଆର. ରାମକୃଷ୍ଣନ, ଏମ.ପି, ୧୬, କାନିଙ୍ଗ ଲେନ, ନୂଆଦିଲ୍ଲୀ ।

୮ । ଶ୍ରୀ ଏ.ଏସ.ଇ. ଆୟାର, କ୍ଷୁଦ୍ର-ଶିଳ୍ପର ଉନ୍ନୟନ କମିଶନର, ଯେକି ପରିଷଦର ଆବାହକରୂପେ କାର୍ଯ୍ୟ କରିବେ ।

ପୁରସ୍କାର ମଞ୍ଜୁରି ନିମନ୍ତେ ଚୂଡ଼ାନ୍ତ ସୁପାରିଶ କରିବାପାଇଁ କେନ୍ଦ୍ରୀୟ ପରିଷଦ ରାଜ୍ୟସରକାରଙ୍କଠାରୁ ପାଇଥିବା ସୁପାରିଶକୁ ପରୀକ୍ଷା କରିବେ ।

୩ । ଆର୍ଥିକ ଓ କାରିଗରୀ ସାହାଯ୍ୟ ଦେବା ସମ୍ପର୍କରେ ଓ ପୁରସ୍କାରଗୁଡ଼ିକର ସଂଖ୍ୟା, କେଉଁ କେଉଁ ପରିସ୍ଥିତିରେ ସେଗୁଡ଼ିକ ମଞ୍ଜୁର କରାଯିବ ଓ ଭିନ୍ନ ପୁରସ୍କାରଗୁଡ଼ିକ କେତେ ଟଙ୍କାର ହେବ, ସେ ସବୁ ବିଷୟରେ କେନ୍ଦ୍ରୀୟ ପରିଷଦ ସୁବିଧାଜନକ ନିୟମମାନ ତିଆରି କରିବେ । ପରିଷଦ ଥରକୁ ଥର ଏହିସବୁ ବିଷୟରେ ପ୍ରଚାର ଚଳାଇବେ ।

---

## ଓଡ଼ିଶାର ଅର୍ଥମନ୍ତ୍ରୀଙ୍କ ସହିତ ଦେଖାସାକ୍ଷାତ

ଓଡ଼ିଶାର ଅର୍ଥମନ୍ତ୍ରୀ ଅନେକଗୁଡ଼ିଏ ବିଭାଗର ଦାୟିତ୍ୱ ବହନ କରିଥିବା ହେତୁ ତାଙ୍କ ପକ୍ଷରେ କାର୍ଯ୍ୟର ଚାପ ବଢ଼ିଯାଇଛି । ଏହିସବୁ କାର୍ଯ୍ୟ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ତାହା ସମ୍ପାଦନ କରିବା ଉଦ୍ଦେଶ୍ୟରେ, ତାଙ୍କୁ ପୂର୍ବରୁ ନ ଜଣାଇ ତାଙ୍କ ସହିତ ଦେଖାସାକ୍ଷାତ କରିବା ସମୟକୁ ସୀମାବଦ୍ଧ କରିଦେବା ପାଇଁ ସେ ବାଧ୍ୟ ହୋଇଛନ୍ତି । ତଦନୁସାରେ କେହି ତାଙ୍କ ସହିତ ଦେଖାସାକ୍ଷାତ କରିବାକୁ ଚାହିଁଲେ, ତାଙ୍କ ବାସଭବନରେ ସକାଳ ୯ଟା ଠାରୁ ୯½ଟା ମଧ୍ୟରେ ଓ ଅଫିସ ଖୋଲିଥିଲା ଦିନ ସଦରମହକୁମାଠାରେ ମନ୍ତ୍ରୀ ଥିବାବେଳେ ସକାଳ ୧୦ଟା ଠାରୁ ୧୦½ଟା ମଧ୍ୟରେ ତାଙ୍କ ସହିତ ଦେଖା କରିପାରିବେ । ସର୍ବସାଧାରଣ ଏ ବ୍ୟବସ୍ଥାଟିକୁ ପସନ୍ଦ କରିବେ ଓ ଏଥି ସହିତ ସହଯୋଗ କରିବେ ବୋଲି ଆଶାକରାଯାଏ । ଜନସାଧାରଣ ଅନିବାର୍ଯ୍ୟ କାରଣ ଛଡ଼ା ଅନ୍ୟ ସମୟରେ ବିଶେଷ ଗୁରୁତ୍ୱ ନ ଥିବା ବ୍ୟାପାର ସମ୍ପର୍କରେ ମନ୍ତ୍ରୀଙ୍କ ସହିତ ଦେଖାସାକ୍ଷାତ କରିବାରୁ ବିରତ ହେଲେ ଅଧିକ ଶ୍ରେୟସ୍କର ହେବ ।

---

## ଅସ୍କାଠାରେ ଶନକଲ ସ୍ଥାପନ

ଓଡ଼ିଶା ସରକାରଙ୍କ ଉନ୍ନୟନ (ସମବାୟ) ବିଭାଗ ଜଣାଇଛନ୍ତି :—

ଗଞ୍ଜାମ ଜିଲ୍ଲାର ଆସ୍କାଠାରେ ଅନିବାର୍ଯ୍ୟ କାରଣ ଯୋଗୁ ସମବାୟ ଚିନିକାରଖାନା ଆରମ୍ଭ କରାଯିବାରେ ବିଳମ୍ବ ଘଟିଥିବା ଯୋଗୁ, ଏଠାରେ ଚିନିକାରଖାନା ସ୍ଥାପନ ବିଷୟରେ କେତେକ ବ୍ୟକ୍ତି ସନ୍ଦେହ ପ୍ରକାଶ କରିଥିବା ସମ୍ବାଦ ସରକାରଙ୍କ ଦୃଷ୍ଟିକୁ ଆସିଛି । ଏହି ସନ୍ଦେହ ଦୂର କରିବା ନିମନ୍ତେ ଏହି ପ୍ରେସନୋଟ୍‌ଟି ପ୍ରକାଶ କରାଗଲା ।

ଚିନିକାରଖାନା ନିମନ୍ତେ ଆବଶ୍ୟକୀୟ କାରିଗରୀ, କଳକବ୍‌ଜା ଆମଦାନୀ କରିବା ପାଇଁ ବୈଦେଶିକ ମୁଦ୍ରା ମିଳୁ ନ ଥିବାରୁ ଏପରି ବିଳମ୍ବ ଘଟିଛି । ଭାରତରେ ଯେତେଦୂର ସମ୍ଭବ ସେତେ ଅଧିକ ଯନ୍ତ୍ରପାତି ତିଆରି କରିବା ପାଇଁ ଏବଂ ବର୍ତ୍ତମାନ ପରିସ୍ଥିତିରେ ଯେଉଁ ଯନ୍ତ୍ରପାତିମାନ ଦେଶ ମଧ୍ୟରେ ତିଆରି ହୋଇ ପାରିବ ନାହିଁ, କେବଳ ସେଗୁଡ଼ିକ ନିମନ୍ତେ ବୈଦେଶିକ ମୁଦ୍ରାର ବ୍ୟବସ୍ଥା କରିବା ପାଇଁ ଇତି ମଧ୍ୟରେ ନିଷ୍ପତ୍ତି ହୋଇସାରିଛି । ୬ଟି ଚିନିକଳ ନିର୍ମାଣକାରୀ ଅନୁଷ୍ଠାନ ଯନ୍ତ୍ରପାତିମାନ ତିଆରି କରିବା ଆରମ୍ଭ କଲେଣି ଏବଂ ସ୍ଥିର ଅନୁଯାୟୀ କେଉଁ କାରଖାନା ଆଗ ହେବ ଏବଂ କିଏ ପଛରେ ହେବ ତାହା କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ବଣ୍ଟି ଦେବେ । ଏଥିରୁ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ ଅନ୍ୟ କାର୍ଯ୍ୟ ଭଳି ନିଶ୍ଚିତ ଭାବରେ ଆସ୍କାଠାରେ ଗୋଟିଏ ଚିନି କାରଖାନା ସ୍ଥାପିତ ହେବ ।

ଏହା କେତେ ଶୀଘ୍ର କାର୍ଯ୍ୟକାରୀ ହୋଇ ପାରିବ ତାହା ପୂରାପୂରି ଜନସାଧାରଣଙ୍କ ସହଯୋଗ ଉପରେ ନିର୍ଭର କରୁଛି । କାରଖାନା ସ୍ଥାପନ କରିବା ପାଇଁ ସରକାରଙ୍କ ପକ୍ଷେ ତତ୍ପରତାର କାର୍ଯ୍ୟ କରିବାକୁ ହେଲେ ଭବିଷ୍ୟତ ଆଖୁଚାଷୀଙ୍କ ନିକଟରୁ ଅଂଶ-ମୂଳଧନ ଆକାରରେ ପ୍ରାୟ ୨୦ ଲକ୍ଷ ଟଙ୍କା ଯାଏଁ ସଂଗ୍ରହ କରିବାକୁ ପଡ଼ିବ । ଏହା ଯେତେ ଶୀଘ୍ର ମିଳିଯାଏ ସରକାର ସେତେ ଶୀଘ୍ର କାରଖାନା ସ୍ଥାପନ କରିପାରିବେ । ଏହି କାରଖାନା ସ୍ଥାପନ କରିବାକୁ ହେଲେ ପ୍ରାୟ ୧୩୫ ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ ଲାଗିବ । ଏହା ସହିତ ତୁଳନା କଲେ ଆଖପାଖ ଅଞ୍ଚଳର ଲୋକମାନଙ୍କଠାରୁ ଅଂଶ ମୂଳଧନ ଆକାରରେ ୨୦ ଲକ୍ଷ ଟଙ୍କା ସଂଗ୍ରହ କରିବା ସମସ୍ୟା ସେତେ ଗୁରୁତର ମନେ ହେବ ନାହିଁ । ଏହି ଚିନିକାରଖାନା ସ୍ଥାପନ କରିବା ଲାଗି ଉତ୍ସାହିତ ହୋଇଥିବା ବ୍ୟକ୍ତିମାନେ, ଲକ୍ଷ୍ୟ ରଖାଯାଇଥିବା ଅଂଶମୂଳଧନ-ତକ ଯେତେ ଶୀଘ୍ର ସମ୍ଭବ, ସଂଗ୍ରହ କାର୍ଯ୍ୟରେ ସରକାରଙ୍କ ସହିତ ସର୍ବାନ୍ତଃକରଣରେ ସହଯୋଗ କରିବା ଆଶା ରଖି ଏହି ବିଜ୍ଞପ୍ତିଟି ପ୍ରକାଶ କରାଗଲା ।

---

## ଓଡ଼ିଶାରେ ହଇଜା ଓ ବସନ୍ତ ରୋଗ ପରିସ୍ଥିତି

ଓଡ଼ିଶାର ସ୍ୱାସ୍ଥ୍ୟ-ବିଭାଗ ଡିରେକ୍ଟର ଗୋଟିଏ ପ୍ରେସବିଜ୍ଞପ୍ତିରେ ଜଣାଇଛନ୍ତି :—

ଓଡ଼ିଶାର ବିଭିନ୍ନ ଅଂଶରୁ ବିକ୍ଷିପ୍ତ ଭାବରେ ହଇଜା ଓ ବସନ୍ତ ରୋଗ ଦେଖା ଦେଇଥିବାର ସମ୍ବାଦ ଆସୁଛି । ହଇଜା ରୋଗର ଉପଯୋଗୀ ଋତୁ ଅତି ଶୀଘ୍ର ଆସିଯାଉଛି । ଏହି ରୋଗ ବ୍ୟାପକ ରୂପେ ପ୍ରସାର ଲାଭ କରିବା ପୂର୍ବରୁ ଏହାକୁ ବନ୍ଦ କରିବା ପାଇଁ ସମୟାନୁଯାୟୀ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ।

### ହଇଜା

ଆମେ ହଇଜାକୁ ଖାଦ୍ୟ ଓ ପାଣିସୂତ୍ରେ ଗ୍ରହଣ କରୁ, କିନ୍ତୁ ତାହାହେଲେ ସୁଦ୍ଧା ରୋଗ ହୁଏ ନାହିଁ । ଏହା ଦୂଷିତ ଖାଦ୍ୟ ଓ ଜଳ, ରୋଗୀମାନଙ୍କର ମଳମୂତ୍ର ଓ ମାଛି ସାହାଯ୍ୟରେ ଚାରିଆଡ଼େ ବ୍ୟାପିଯାଏ । ଜନସାଧାରଣଙ୍କୁ ନିମ୍ନଲିଖିତ ମତେ ପରାମର୍ଶ ଦିଆଯାଉଛି :--

### (କ) କଣ କଣ କରିବେ ନାହିଁ

(୧) ପୋଖରୀ ବା ଅଗଭୀର କୂଅଗୁଡ଼ିକର ପାଣି ନ ଫୁଟାଇ ପିଅ ନାହିଁ ।

(୨) ବଜାରର ମିଠା, କଟାଫଳ ଓ ଧୂଳି ଓ ମାଛି ଲାଗିଥିବା ଖାଦ୍ୟ ଖାଅନାହିଁ ।

(୩) ରୋଗୀର ମଳମୂତ୍ର ମାଛି ଥିବା ସ୍ଥାନରେ ବା ଜଳଭଣ୍ଡାରରେ ଯେକୌଣସି ସ୍ଥାନରେ ପକାଅ ନାହିଁ ।

(୪) ମୃତ ଦେହ ନଈ ପାଣିରେ ପକାଅ ନାହିଁ ।

## (ଖ) କଣ କଣ କରିବେ

(୧) ଫୁଟା ହୋଇଥିବା ବା କ୍ଲୋରିନ ମିଶ୍ରିତ ପାଣି ବ୍ୟବହାର କର ।

(୨) ମାଛି ଦାଉରୁ ଖାଦ୍ୟ, ଫଳ ଓ ମିଠା ରକ୍ଷାକର ।

(୩) ମଇଳା, ମଳମୂତ୍ର ଓ ଗୋବର ଇତ୍ୟାଦିକୁ ଶୀଘ୍ର ଉଠାଇ ନେଇ ଓ ସେଗୁଡ଼ିକ ପୋତି, ଗାତରେ ଘେରଣତ କରି ବା ପୋଡ଼ି ଦେବାର ବନ୍ଦୋବସ୍ତ କର ସନ୍ତୋଷଜନକ ଭାବରେ ସେଗୁଡ଼ିକ ପରିଷ୍କାର କର ।

(୪) ହଇଜା-ପ୍ରତିଷେଧକ ଇଂଜେକସନ ନଅ—ରାଜ୍ୟସାରା ସମସ୍ତ ସାଧାରଣ ସ୍ୱାସ୍ଥ୍ୟ ଓ ଚିକିତ୍ସାନୁଷ୍ଠାନ ଗୁଡ଼ିକରେ ଏହି ଟିକା ବିନା ମୂଲ୍ୟରେ ଦିଆଯାଉଛି ।

ଉପଯୋଗୀ ଉଦ୍ଦେଶ୍ୟରେ ବ୍ୟାପକ ସ୍ୱାସ୍ଥ୍ୟମୂଳକ ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥାନୁସାରେ ଚଳିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଉଛି ।

## ୨ । ବସନ୍ତ

ସହଜରେ ଆମକୁ ବସନ୍ତ ରୋଗ ହୁଏ । ରୋଗୀଙ୍କ ସହିତ ସଳଖ ସଂସ୍ପର୍ଶରେ ଆସିଲେ କିମ୍ବା ଦୂଷିତ ଲୁଗାପଟା ବା କାହୁ କୁଣ୍ଡଆର ସଂସ୍ପର୍ଶରେ ଆସିଲେ ଏହି ରୋଗ ବ୍ୟାପିଯାଏ ।

ଟିକା ନେବାହିଁ ଏହି ରୋଗରୁ ନିଶ୍ଚିତ ଭାବେ ରକ୍ଷା ପାଇବା ପାଇଁ ଏକମାତ୍ର ଉପାୟ ।

ରାଜ୍ୟର ସବୁ ମ୍ୟୁନିସିପାଲିଟି ଓ ହେଲ୍‌ଥ ରେଞ୍ଜମାନଙ୍କରେ ବିନା-ମୂଲ୍ୟରେ ଟିକା ଦିଆଯାଏ । ପ୍ରତ୍ୟେକ ଜିଲ୍ଲାର ୧ ଭାଗ ଜନସାଧାରଣ, ବିଶେଷତଃ ଅରକ୍ଷ ଶିଶୁ ଓ ବ୍ୟକ୍ତିମାନଙ୍କୁ ବସନ୍ତ ଦାଉରୁ ରକ୍ଷା କରିବା ପାଇଁ ପ୍ରତିବର୍ଷ ରାଜ୍ୟର ସବୁ ଜିଲ୍ଲାରେ ବ୍ୟାପକ ଟିକା ଦାନ ପରିକଳ୍ପନାନୁସାରେ କାର୍ଯ୍ୟ ହେଉଛି ।

କେତେକ ଜିଲ୍ଲାରେ ଟିକା ରେଫ୍ରିଜେରେଟର ଭିତରେ ରଖାଯାଇ ଉଡ଼ାଜାହାଜ ଯୋଗେ ଯୋଗାଇ ଦିଆଯାଇଥାଏ ।

ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜେ ଓ ସେମାନଙ୍କର ପରିବାର ଟିକା ଗ୍ରହଣଦ୍ୱାରା ରୋଗ-ମୁକ୍ତ ରହନ୍ତୁ ।

ଜ୍ୱର ସହିତ ଉଦରାମୟ, ବାନ୍ତି ଓ ବସନ୍ତଠାରୁ ପରି କୌଣସି ଅବସ୍ଥା ଉପୁଜିଲେ ନିକଟତମ ସ୍ୱାସ୍ଥ୍ୟ ଚିକିତ୍ସାନୁଷ୍ଠାନ ପୋଲିସ କର୍ମଚାରୀଙ୍କୁ ସେ ବିଷୟରେ ଅତି ଶୀଘ୍ର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଜଣାନ୍ତୁ । ସ୍ଥାନୀୟ ଡାକ୍ତରଙ୍କ ସହିତ ମଧ୍ୟ ସଙ୍ଗେ ସଙ୍ଗେ ପରାମର୍ଶ କରନ୍ତୁ ।

---

## ଅତିରିକ୍ତ ବିକ୍ରୟ କର ଟ୍ରିବୁନାଲ ନିଯୁକ୍ତ

ଓଡ଼ିଶା ସରକାରଙ୍କର ଅର୍ଥ ବିଭାଗ ଏକ ବିଜ୍ଞପ୍ତିରେ ଜଣାଇଛନ୍ତି :—

ବାକି ପଡ଼ି ରହିଥିବା ଅପିଲଗୁଡ଼ିକ ଚଞ୍ଚଳ ନିଷ୍ପତ୍ତି କରିବା ଉଦ୍ଦେଶ୍ୟରେ, ପୁରୀ ଓ ସମ୍ବଲପୁର ରେଞ୍ଜର ସମସ୍ତ ବିଚାରାଧୀନ ଅପିଲ ଶୁଣାଣି କରିବା ପାଇଁ ରାଜ୍ୟ ସରକାର କଟକରେ ଗୋଟିଏ ଅତିରିକ୍ତ 'ସେଲଟ୍ୟାକ୍‌ସ ଟ୍ରିବ୍ୟୁନାଲ' ନିଯୁକ୍ତ କରିଛନ୍ତି । କଟକ ଓ ଗଞ୍ଜାମ ରେଞ୍ଜର ବିଚାରାଧୀନ ଅପିଲମାନଙ୍କର ଶୁଣାଣି ସେଲସଟ୍ୟାକ୍‌ସ ଟ୍ରିବ୍ୟୁନାଲରେ ଚାଲୁରହିବ । ସେହି ଅନୁଯାୟୀ ବ୍ୟବସାୟୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ମଇ ମାସ ୨୭ ତାରିଖ ୧୯୫୯ ମସିହାଠାରୁ ସେମାନେ ସଂପୃକ୍ତ 'ଟ୍ରିବ୍ୟୁନାଲ' ଅବା 'ଅତିରିକ୍ତ ଟ୍ରିବ୍ୟୁନାଲଙ୍କ' ନିକଟରେ ଅପିଲମାନ ଦାଏର କରିବେ ।



# ମାଟିର ମଣିଷ

କଖାରେ ଅନ୍ନ—ବସ୍ତ୍ର ସବୁଠୁଁ ଭଲ ଦାମ—ଦାମରେ କରପାଇ ଦର୍ଶନ ଓ ସ୍ପର୍ଶ ସବୁଠୁଁ ଦର କାମ । କୃଷିମାନେ ମାଟିର ମଣିଷ । ଏମାନଙ୍କର କଠିନ ଓ ଅକ୍ଲାନ୍ତ ପରିଶ୍ରମଦ୍ୱାରା ପୃଥିବୀ ଭୁକ୍ତରେ ଭରି ଉଠେ ସବୁଜ ଫସଲ । ଯେଉଁ ଫସଲ ଆମଦେଶର ଅନ୍ନ ବସ୍ତ୍ର ଓ ବଳ । କେବଳ ଭାରତବର୍ଷରେ କୃଷକମାନଙ୍କର ଦାରିଦ୍ର୍ୟ ଓ ଅଜ୍ଞାନତା ସବୁଠାରୁ ଅଧିକ ଦୁଃଖଦ । ଏହି କୃଷକମାନେହିଁ ଆମ ଦେଶର ଭିତ୍ତିଭୂମି ଉଜ୍ଜ୍ୱଳ କରନ୍ତି । ସବୁ ଦେଶର ଭଳିଆ ସମ୍ପଦ ଯେତେ ଅଧିକ କୃଷକମାନେ ତାହାର ଓ ସ୍ୱାସ୍ଥ୍ୟବାନ ହୁଅନ୍ତି । ସେଥିପାଇଁ ସେମାନଙ୍କୁ ଅଧିକ ଓ ଭଲ ଖାଦ୍ୟ ଦାନ୍ତ ସ୍ୱାସ୍ଥ୍ୟବାନ ହେବା ଯାଉନାହିଁ । ବାଇଶ ଅଧିକାଂଶ ସମସ୍ତଙ୍କ ଲୋକମାନେ ଧୂଳିରେ କାମ କରନ୍ତି । ଧୂଳି ଓ ମଇଳାରେ ରହିବା ରୋଗଜୀବାଣୁଏବେ ସହଜେ ଅନ୍ଧତ୍ୱ ଚର୍ମରୋଗ ଭୋଗନ୍ତି ସ୍ୱାସ୍ଥ୍ୟ ଗଠନ ଶକ୍ତି । ସେଥିପାଇଁ ଧାରଣ କରନ୍ତୁ ସାବୁନ ଯାହାରେ ସହଜେ ଧୋଇ ସଫା କରନ୍ତୁ ଓ ଦେହକୁ ପରିଷ୍କାର କରନ୍ତୁ । ଏ ସାବୁନ ହେଉଛି ଲାଇଫବୟ ସାବୁନ—ସ୍ୱାସ୍ଥ୍ୟ ରକ୍ଷା ହୋଇପାରିବାପାଇଁ ସବୁବେଳେ ଅପଣା ଲାଇଫବୟ ସାବୁନ ବ୍ୟବହାର କରନ୍ତୁ । ଲାଇଫବୟ ସାବୁନ ଆପଣଙ୍କ ସ୍ୱାସ୍ଥ୍ୟ ରକ୍ଷା କରେ ।

## ଲାଇଫବୟ ସାବୁନ



# ଆକାଶବାଣୀ, କଟକ

## ଜୁଲାଇ ମାସର ସାଧାରଣ କାର୍ଯ୍ୟକ୍ରମ

### ପ୍ରତ୍ୟେକ ଦିନର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ

ସକାଳ—

ଘ ୬.୪୫ ମିନିଟ ... ମାଙ୍ଗଳିକ

ଘ ୬.୫୫ ,, ... କାର୍ଯ୍ୟକ୍ରମ ପରିଚୟ

ଘ ୭.୧୫ ,, ... ଓଡ଼ିଆ ସମ୍ବାଦ

ଘ ୭.୩୦ ,, ... ହିନ୍ଦୀ ଶିକ୍ଷା

(ଶନିବାର ଓ ରବିବାର ବ୍ୟତୀତ)

ଘ ୮.୦୦ ,, ... ଇଂରାଜୀ ସମ୍ବାଦ

ଘ ୮.୧୫ ,, ... ହିନ୍ଦୀ ସମ୍ବାଦ

ମଧ୍ୟାହ୍ନ—

ଘ ୧.୧୦ ମିନିଟ ... ଓଡ଼ିଆ ସମ୍ବାଦ

ଘ ୨.୦୦ ,, ... ପାଣିପାଗ

ସନ୍ଧ୍ୟା—

ଘ ୬.୩୦ ମିନିଟ ... ଆଞ୍ଚଳିକ ସମ୍ବାଦ

ଘ ୬.୪୦ ,, ... ସ୍ଥାନୀୟ ଘୋଷଣା

ଘ ୭.୧୫ ,, ... ଓଡ଼ିଆ ସମ୍ବାଦ

ଘ ୮.୧୫ ,, ... ହିନ୍ଦୀ ସମ୍ବାଦ

ଘ ୯.୦୦ ,, ... ଇଂରାଜୀ ସମ୍ବାଦ

ପ୍ରତ୍ୟେକ ଦିନ ସନ୍ଧ୍ୟା ଘ ୬.୪୫ ମିନିଟରୁ ଘ ୮ ପର୍ଯ୍ୟନ୍ତ ଗାଁଗହଳି କାର୍ଯ୍ୟକ୍ରମ ହେବ ଏବଂ ଏଥିରେ ପାଣିପାଗ ଓ ବଜାର ପରିସ୍ଥିତି ଘୋଷଣା କରାଯିବ ।

ପ୍ରତ୍ୟେକ ଶନିବାର ସନ୍ଧ୍ୟା ଘ ୫।୩୦ ମିନିଟରେ ନାରୀ-ମହଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ପ୍ରତ୍ୟେକ ରବିବାର ସକାଳ ଘ ୮।୩୦ରେ ଶିଶୁସଂସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଏହାଛଡ଼ା କେତେକ ବିଶେଷ କାର୍ଯ୍ୟକ୍ରମ ନିମ୍ନରେ ଦିଆଗଲା :—

| | | |
|---|---|---|
| ୨-୭-୧୯୫୯ | ରାତି ଘ ୯-୧୫ | ତୃତୀୟ ପଞ୍ଚବାର୍ଷିକ ଆଲୋଚନା |
| ୪-୭-୧୯୫୯ | ସନ୍ଧ୍ୟା ଘ ୬-୩୦ | ପଞ୍ଚସଖା (ଓଡ଼ିଆ ନାଟକ) |
| ୬-୭-୧୯୫୯ | ରାତି ଘ ୯-୧୫ | ଗୋପାଳ ଛୋଟରାୟଙ୍କ ଓଡ଼ିଆ ଏକାଙ୍କିକା |
| ୭-୭-୧୯୫୯ | ରାତି ଘ ୯-୧୫ | ସଂସ୍କୃତ ସାହିତ୍ୟରେ ଶ୍ରେଷ୍ଠନାୟକ ଚରିତ (ଅଶ୍ୱଘୋଷ) |
| ୮-୭-୧୯୫୯ | ଅପରାହ୍ନ ଘ ୨-୦୦ | ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ରିଲେ |
| | ରାତି ଘ ୯-୩୦ | ରଥଯାତ୍ରା କାର୍ଯ୍ୟକ୍ରମ |
| ୧୭-୭-୧୯୫୯ | ସନ୍ଧ୍ୟା ଘ ୬-୦୦ | ମୋହରମ (କୋରାନପାଠ) |
| ୧୮-୭-୧୯୫୯ | ସନ୍ଧ୍ୟା ଘ ୬-୪୫ରୁ ଘ ୮-୦୦ | ସୁଲଶା ଚଷମା (ଓଡ଼ିଆ ନାଟକ) |
| ୨୧-୭-୧୯୫୯ | ରାତି ଘ ୯-୧୫ | ସଂସ୍କୃତ ସାହିତ୍ୟରେ ଶ୍ରେଷ୍ଠ ନାୟକ ଚରିତ (କାଳିଦାସ) |
| ୨୭-୭-୧୯୫୯ | ସନ୍ଧ୍ୟା ଘ ୫-୩୦ | ଭାରତ ଓ ଇଂଲଣ୍ଡ ମଧ୍ୟରେ ହେଉଥିବା ଚତୁର୍ଥ କ୍ରିକେଟ ପ୍ରତିଯୋଗିତା ରିଲେ |
| | ରାତି ଘ ୯-୧୫ | କ୍ଷଣିକା (କ୍ଷୁଦ୍ର ନାଟକ କାର୍ଯ୍ୟକ୍ରମ) |
| ୩୦-୭-୧୯୫୯ | ରାତି ଘ ୯-୩୦ | ୭୫ ବର୍ଷ ତଳେ ବଲାଙ୍ଗୀର ପାଟଣା |

# ଓଡ଼ିଶାର ବିଶିଷ୍ଟ ଗାୟକଗାୟିକାଙ୍କ
# ନୂତନ ସଙ୍ଗୀତ ଉପଭୋଗ କରନ୍ତୁ
## ଲୋକସମ୍ପର୍କ ବିଭାଗଦ୍ୱାରା ପ୍ରସ୍ତୁତ ରେକର୍ଡ଼ କିଣିବାର ଅପୂର୍ବ ସୁଯୋଗ

| | | | |
|---|---|---|---|
| 1. Q. C. 1463 ... | ନଜ ଘର କଟକ | ... | ଶ୍ରୀ ନମାଇଁଚରଣ ହରିଚନ୍ଦନ |
| | ଫୁଲ ବଉଳବେଣୀ | ... | ଶ୍ରୀ ନମାଇଁଚରଣ ହରିଚନ୍ଦନ |
| 2. Q.C. 1464 ... | ଆଦିବାସୀ ଝିଅ ରେ | .. | ଶ୍ରୀ ବାଳକୃଷ୍ଣ ଦାଶ |
| | ମିଳମିଶି ବୁଝ | ... | ଶ୍ରୀମତୀ ସୁଧାମଣି ମହାପାତ୍ର |
| 3. Q. C. 1465 ... | ଆମେ ତ ନାହୁଁ ଅନ୍ଧ | ... | ଶ୍ରୀ ଗୋକୁଳାନନ୍ଦ ମହାନ୍ତି |
| | ରେ ମୂଲିଆ | ... | ଶ୍ରୀ ଲୋକନାଥ ରଥ |
| 4. Q. C. 1466 ... | ପାଞ୍ଚ ମନ ଦଣ ଖାତ | ... | ଶ୍ରୀ ନମାଇଁଚରଣ ହରିଚନ୍ଦନ |
| | ସ୍ୱଗକୁଦ ବନ୍ଧ | ... | ସୁଧାମଣି ଓ ବାଳକୃଷ୍ଣ |
| 5. Q. C. 1467 ... | କଳଗଛ ବାଉଳା | ... | ଶ୍ରୀ ଗୋକୁଳାନନ୍ଦ ମହାନ୍ତି |
| | ଜଣା ଝିଅ ରେ | ... | ଶ୍ରୀ ଲୋକନାଥ ରଥ |
| 6. Q. C. 1468 ... | ଝିଅ ସେ ନୁହେଁ | ... | ଶ୍ରୀ ନମାଇଁଚରଣ ହରିଚନ୍ଦନ |
| | ବଡ଼ଠାରେ ସାହା | .. | ଶ୍ରୀ ବାଳକୃଷ୍ଣ ଦାଶ |
| 7. S. R. 53 (1) ... | ବାବୁ ଧନ | ... | ଶ୍ରୀ ବଷ୍ଣୁଚରଣ ପଣ୍ଡା |
| | ସବୁ ଅଛୁ ତୋର | ... | ଶ୍ରୀମତୀ ସତ୍ୟଭାମା ଦେଈ |
| 8. S. R. 53 (2) ... | ଆଜି ତ ହେସକାଳ ପଖାଳ | ... | ଶ୍ରୀ ବଷ୍ଣୁଚରଣ ପଣ୍ଡା |
| | ଅରେ ବାବୁ | ... | ବଷ୍ଣୁଚରଣ ଓ ସତ୍ୟଭାମା |
| 9. S. R. 53 (3) ... | ସେ ଦିନ ନାହିଁ | ... | ଶ୍ରୀ ବଷ୍ଣୁଚରଣ ପଣ୍ଡା |
| | ଅନା ରେ ଝିଅ | ... | ଶ୍ରୀ ବଷ୍ଣୁଚରଣ ପଣ୍ଡା |
| 10. S. R. 53 (4) ... | ଆରେ ପଢ଼ୁଆ ବୋଲି ତୁ | ... | ବଷ୍ଣୁ ଚରଣ ଓ ସତ୍ୟଭାମା |
| | ଫିଟିଛୁ ବାଟ | ... | ଶ୍ରୀ ବଷ୍ଣୁଚରଣ ପଣ୍ଡା |

ଏରେକର୍ଡ଼ର ମୂଲ୍ୟ—୧୪୬୩ ନମ୍ବରଠାରୁ ୧୪୬୮ ନମ୍ବର ପର୍ଯ୍ୟନ୍ତ ରେକର୍ଡ଼ର ମୂଲ୍ୟ ପ୍ରତ୍ୟେକଟି ଟ ୨/-; କିନ୍ତୁ ୬ ଖଣ୍ଡ କିମ୍ବା ତହିଁରୁ ଅଧିକ ସଂଖ୍ୟାରେ ଏରେକର୍ଡ଼ କିଣିଲେ ଶତକଡ଼ା ୧୫ ଟଙ୍କା କମ୍‌ରେ ପାଇ ପାରିବେ ।

୫୩ (୧) ଠାରୁ ୫୩ (୪) ପର୍ଯ୍ୟନ୍ତ ରେକର୍ଡ଼ର ମୂଲ୍ୟ ପ୍ରତ୍ୟେକଟି ଟ ୨·୫୦ ନୂଆ ପଇସା; କିନ୍ତୁ କେହି ୪ଟି କିମ୍ବା ତହିଁରୁ ଅଧିକ ସଂଖ୍ୟାରେ ରେକର୍ଡ଼ କିଣିଲେ ଶତକଡ଼ା ୨୦ ଟଙ୍କା କମ୍‌ରେ ପାଇପାରିବେ ।

**ପ୍ରାପ୍ତି ସ୍ଥାନ—ସମସ୍ତ ଜିଲ୍ଲା ଘରୋଇ ( ଲୋକସମ୍ପର୍କ ) ବିଭାଗ ଅଫିସ**

VoLXV No. 11 UTKAL PRASANGA Regd. No. 0-29
License. No C. R. N. P. 5, Licensed ro post without prepayment.

# ମେଟ୍ରିକ୍

# ଓଜନ ଓ ମାପ ପ୍ରଣାଳୀ

| ମେଟ୍ରିକ୍ ଓଜନ | ବାଲେଶ୍ୱରୀ ଓଜନ | ପାଉଣ୍ଡ ଓଜନ |
|---|---|---|
| ୫୦ କିଲୋ ଗ୍ରାମ୍ | ସେ ୫୩।୪୭ ତୋଳା | ପା ୧୧୦।୪ ଆଉନ୍ସ |
| ୨୦ କିଲୋ ଗ୍ରାମ୍ | ସେ ୨୧।୩୫ ,, | ପା ୪୪।୧ ,, |
| ୧୦ କିଲୋ ଗ୍ରାମ୍ | ସେ ୧୦।୫୭ ,, | ପା ୨୨।୧ ,, |
| ୫ କିଲୋ ଗ୍ରାମ୍ | ସେ ୫।୨୯ ,, | ପା ୧୧ ଉଣ୍ଡ |
| ୨ କିଲୋ ଗ୍ରାମ୍ | ସେ ୨।୧୧ ,, | ପା ୪।୭ ଆଉନ୍ସ |
| ୧ କିଲୋ ଗ୍ରାମ୍ (୧୦୦୦ ଗ୍ରାମ୍) | ସେ ୧।୭ ,, | ପା ୨।୩ ,, |
| ୫୦୦ ଗ୍ରାମ୍ | ୪୩ ତୋଳା | ପା ୨।୧ ,, |
| ୨୦୦ ଗ୍ରାମ୍ | ୧୭ ତୋଳା | ୭ ,, |
| ୧୦୦ ଗ୍ରାମ୍ | ୮½ ତୋଳା | ୩ ଆଉନ୍ସ |

ବାଲେଶ୍ୱରୀ ୧ ମହଣ = ୩୭.୩ କିଲୋ ଗ୍ରାମ୍

ବାଲେଶ୍ୱରୀ ୧ ସେର୍ = ୯୩୩ ଗ୍ରାମ୍

୧ କ୍ୱିଣ୍ଟାଲ = ୧୦୦ କିଲୋ ଗ୍ରାମ୍ = ମ ୨।୨୭ ସେର (ବାଲେଶ୍ୱରୀ)
= ପା ୨୨୦।୭ ଆଉନ୍ସ ।

୧୦ କ୍ୱିଣ୍ଟାଲ = ୧ ମେଟ୍ରିକ୍ ଟନ୍ = ମ ୨୬।୩୨ ସେର (ବାଲେଶ୍ୱରୀ)
= ପା ୨୨୦୪।୬୦ ଆଉନ୍ସ

୧ ହ୍ୱାଟ୍ = ୫୦.୮୦ କିଲୋ ଗ୍ରାମ୍

୧ ପାଉଣ୍ଡ = ୪୫୪ ଗ୍ରାମ୍

Published by the Home ( Public Relations ) Department
Government of Orissa
New Capital, Bhubaneswar.

Printed at
Rashtrabhasha Co-op. Press
Cuttack-1